ଧରିତ୍ରୀ
DHARITRI
November 24-30, 2024 ₹ 2/-

ସାପ୍ତାହିକୀ



# ଦେଶୀ ଚିକିତ୍ସକ

ଭାରତର ବହୁ ପୁରାତନ ତଥା ପାରମ୍ପରିକ ଚିକିତ୍ସା ହେଉଛି ଆୟୁର୍ବେଦିକ ଚିକିତ୍ସା। ଆଜି ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଥିବା ସତ୍ତ୍ୱେ ବି ଏହି ପାରମ୍ପରିକ ଦେଶୀ ଚିକିତ୍ସା ପ୍ରତି ଆଗ୍ରହ ବଢ଼ିବାରେ ଲାଗିଛି...

ପ୍ରଚ୍ଛଦ ପ୍ରସଙ୍ଗ

୩



# ଝାଡୁକୁ କିପରି ରଖିଲେ ଶୁଭ

**ଝାଡୁ ଦ୍ୱାରା ଘରକୁ କେବଳ ସଫା କରାଯାଏନି, ଐଶ୍ୱର୍ଯ୍ୟ ବୃଦ୍ଧିରେ ମଧ ଏହା ବେଶ୍ ସହାୟକ ହୋଇଥାଏ। ଜ୍ୟୋତିଷଶାସ୍ତ୍ର ଅନୁଯାୟୀ, ଘରେ ଝାଡୁକୁ କିପରି ବ୍ୟବହାର କଲେ ଶୁଭଫଳ ମିଳିଥାଏ, ଜାଣନ୍ତୁ ସେ ସମ୍ପର୍କରେ...**

✲ କଦାପି ଭାଙ୍ଗି ଯାଇଥିବା ଝାଡୁକୁ ବ୍ୟବହାର କରିବେ ନାହିଁ। ଏହାଦ୍ୱାରା ଅଯଥାରେ ଟଙ୍କା ପଇସା ଖର୍ଚ୍ଚ ହୋଇଥାଏ।

✲ ଶନିବାର ଦିନ ନୂଆ ଝାଡୁ କିଣି ବ୍ୟବହାର କଲେ ଶୁଭଫଳ ମିଳିଥାଏ।

✲ ଝାଡୁକୁ ସର୍ବଦା ଘରର ଦକ୍ଷିଣ ଦିଗ ଅଥବା ଦକ୍ଷିଣ ପଶ୍ଚିମ ଦିଗରେ ରଖିବା ଆବଶ୍ୟକ।



✲ ରୋଷେଇ ଘରେ କିମ୍ବା ଆଲମାରି ନିକଟରେ ଝାଡୁ ରଖିଲେ ଧନହାନି ହେବା ସହ ପରିବାର ଲୋକଙ୍କର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ ବୋଲି ବିଶ୍ୱାସ ରହିଛି।

✲ କୁହାଯାଏ, ସୂର୍ଯ୍ୟାସ୍ତ ପରେ ଘର ଝାଡୁ କଲେ ମହାଲକ୍ଷ୍ମୀ ରୋଷ କରିଥାନ୍ତି। ତେଣୁ ସର୍ବଦା ସୂର୍ଯ୍ୟୋଦୟ ପରେ ଏବଂ ସୂର୍ଯ୍ୟାସ୍ତ ପୂର୍ବରୁ ଝାଡୁ କରିବା ଆବଶ୍ୟକ।

✲ ସେହିପରି ଝାଡୁ କରିବା ସମୟରେ ଘରୁ ବାହାରୁଥିବା ଅଳିଆକୁ ଡାଷ୍ଟବିନ୍/ଦାଣ୍ଡଦୁଆରେ ବେଶୀ ସମୟ ଗଦେଇ ରଖିବେ ନାହିଁ। ଏହାବି ଘରର ଐଶ୍ୱର୍ଯ୍ୟରେ ବାଧା ସୃଷ୍ଟି କରିଥାଏ।

✲ ଘରେ ଯଦି ଏକାଧିକ ଝାଡୁ ରହିଛି ; ତା'ହେଲେ ସେ ସବୁକୁ ଏକାଠି ଗୋଟେ ସ୍ଥାନରେ ନ ରଖି ଅଲଗା ଅଲଗା ସ୍ଥାନରେ ରଖିବା ଆବଶ୍ୟକ। ନଚେତ୍ ଘରେ କଳହ ଲାଗିଥାଏ ବୋଲି ଲୋକବିଶ୍ୱାସ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ନଭେମ୍ବର ୨୪ - ୩୦

### ମେଷ
ଅଭିଳାଷ ପୂରଣ ହେବ, କାମ ସମ୍ପୂର୍ଣ୍ଣ କରିବେ, ସମ୍ପର୍କୀୟ ବନ୍ଧୁଙ୍କ ସାହାଯ୍ୟ, ପାରିବାରିକ ଶାନ୍ତି, ଶ୍ରମ ହେତୁକ ଅବସାଦ, ବୈବାହିକ ସମ୍ପର୍କର ଆଲୋଚନା, ସହକର୍ମୀଙ୍କ ସହଯୋଗ, ବ୍ୟବସାୟିକ ଉନ୍ନତି, ଦୂରଭ୍ରମଣର ଯୋଜନା ॥

### ବୃଷ
କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ, ପାରିବାରିକ ମତାନ୍ତର, ଭାବପ୍ରବଣତା ବଢ଼ିବ, ମନୋବଳ ହ୍ରାସ ପାଇପାରେ, ପଡୋଶୀଙ୍କ ପ୍ରତାରଣା, ପ୍ରତିବନ୍ଧକ ଦୂରହେବ, ପଦୋନ୍ନତିର ସୂଚନା, କରଜ କରିପାରନ୍ତି, ବାଣିଜ୍ୟର ଅଭିବୃଦ୍ଧି, ସାଂସ୍କୃତିକ କାର୍ଯ୍ୟକ୍ରମ, ବନ୍ଧୁଙ୍କ ଅପପ୍ରଚାର ॥

### ମିଥୁନ
ଶାରିରୀକ ଅସୁସ୍ଥତା, ପ୍ରତିକୂଳତା ଦୂର ହେବ, ପାରିବାରିକ ସହଯୋଗ, ଅପ୍ରିୟଭାଷଣରୁ ବିଶୃଙ୍ଖଳା, ଭ୍ରମଣ ଯୋଗୁ କ୍ଳାନ୍ତି, ଆମଦାନୀ କାରବାର ବୃଦ୍ଧି, ଅତିଥି ସେବାର ସୁଯୋଗ, ସୁସମ୍ପର୍କରେ ଭଙ୍ଗା ॥

### କର୍କଟ
ସୁସ୍ଥ ମାନସିକତା, ଅର୍ଥ ସଙ୍କଟର ଅନୁଭବ, ସଂସ୍କୃତି ଜ୍ଞାନ ବଢ଼ିବ, ଭ୍ରମଣକାଳରେ କ୍ଳେଶ, ଭ୍ରାତୃ ସମ୍ପର୍କରେ ଉନ୍ନତି, କର୍ମକ୍ଷେତ୍ରରେ ସ୍ଥାନାନ୍ତର, ମକଦ୍ଦମାରେ ବିଜୟ, କର୍ମ ତତ୍ପରତା ବୃଦ୍ଧି, ଉଚ୍ଚସ୍ତରରୁ ସମ୍ମାନ ॥

### ସିଂହ
କର୍ମକ୍ଷେତ୍ରରେ ବିବାଦ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ମନୋରଞ୍ଜନରେ ଆଗ୍ରହ, ବ୍ୟୟାଧିକ୍ୟରୁ ମନ ଦୁଃଖ ହେବ, ଅଧ୍ୟାପନାରୁ ସମ୍ମାନ, ପେଟରୋଗର ସମସ୍ୟା, ନୂତନ ନିଯୁକ୍ତିର ସୁଯୋଗ, ଜମାରାଶି ପାଇବେ, ନିରାଶ ହେବେ ନାହିଁ ॥

### କନ୍ୟା
ନୂତନ କର୍ମାରମ୍ଭ, ଯୋଗାଣ କାରବାରରେ ଉନ୍ନତି, ମାଙ୍ଗଳିକ କାମର ଯୋଜନା, ଦୁଃସାହାସିକ ପଦକ୍ଷେପ, ବିଭିନ୍ନ ସୂତ୍ରରୁ ରୋଜଗାର, ପଦମର୍ଯ୍ୟାଦା ବୃଦ୍ଧି, ଦ୍ୱନ୍ଦ୍ୱର ଅବସାନ, ଦୈହିକ ଦୁର୍ବଳତା, କର୍ମକ୍ଷେତ୍ରରେ ମନ୍ଥରତା ॥

### ତୁଳା
ବନ୍ଧୁଙ୍କ ସାହାଯ୍ୟ, ଭ୍ରମଣ ସୁଯୋଗ ଜୁଟିବ, ବେପାରରେ ବିବାଦ, ଆଶଙ୍କା ଘନେଇପାରେ, କ୍ଳାନ୍ତିବୋଧ କରିବେ, ଶିକ୍ଷାରେ ସଫଳତା ଲାଭ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ, ଧର୍ମକାର୍ଯ୍ୟରେ ବ୍ୟୟ ବରାଦ, ଧାର ସୂତ୍ରରେ ଅର୍ଥଲାଭ, ସମସ୍ୟାର ମୁକାବିଲା, ଯାନବାହାନରେ ତ୍ରୁଟି ॥

### ବିଛା
କାର୍ଯ୍ୟଦକ୍ଷତାରୁ ସମ୍ମାନ, ପଦସ୍ଥବ୍ୟକ୍ତିଙ୍କ ପ୍ରଶଂସା, ସମ୍ମାନିତ ହୋଇ ପାରନ୍ତି, ନୂତନ କାର୍ଯ୍ୟାରମ୍ଭ, ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ, ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ, ପରିବାରରୁ ପୂର୍ଣ୍ଣ ସହଯୋଗ, ନୈରାଶ୍ୟଜନିତ ଦୁଃଖାନୁଭବ, ଜମିଜମା ସମସ୍ୟା ॥

### ଧନୁ
ସମାଲୋଚିତ ହେବେ, ଆତ୍ମୀୟଙ୍କ ଆକ୍ଷେପୋକ୍ତି, ବନ୍ଧୁଙ୍କୁ ଭେଟିପାରନ୍ତି, ପାରିଶ୍ରମିକ କମ୍ ପାଇବେ, ସମସ୍ୟା ସମାଧାନ ହେବ, ମାନସିକ ସୁସ୍ଥତା ବ୍ୟାହତ, ସଭାସମିତିକୁ ନିମନ୍ତ୍ରଣ, ଶତ୍ରୁ ଉପଦ୍ରବ ହ୍ରାସ, ପ୍ରଶାସନିକ ସଫଳତା, କଚେରୀ ମାମଲାରେ ବାଇଦା।

### ମକର
ପରିସ୍ଥିତିର ବିଷମତା, ଯୋଜନା ବିଗିଡିପାରେ, ଗୁରୁଜନଙ୍କ ପରାମର୍ଶ, ଯାନବାହନର ନବୀକରଣ, ନିର୍ମାଣରେ ବିବାଦ, ଯାତ୍ରାରେ ଲକ୍ଷ୍ୟପୂରଣ, ସମ୍ପର୍କ ବୃଦ୍ଧି ପାଇବ, ଶୁଭଖବର ପାଇବେ, ଏଜେନ୍ସିପ ବଢ଼ିବ, କରଜଦାତାଙ୍କ ଚାପ ବୃଦ୍ଧି, ଅମୂଳକ ଆଶଙ୍କା ॥

### କୁମ୍ଭ
ସମ୍ପର୍କୀୟଙ୍କ ହତାଦର, ସହକର୍ମୀଙ୍କ ସୌହାର୍ଦ୍ଧ୍ୟ, ଅନୁକୂଳ ପରିବେଶ ସୃଷ୍ଟି, ପିତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ଅସହଯୋଗ, ଖୁସିଗପର ମଉକା, ପରୋକ୍ଷ ଶତ୍ରୁତା, ତୀର୍ଥାଟନ କରିପାରନ୍ତି, ବିଦେଶଯାତ୍ରାର ସୂଚନା ॥

### ମୀନ
ମାଙ୍ଗଳିକ କାର୍ଯ୍ୟରେ ତତ୍ପରତା, ପ୍ରଶଂସନୀୟ କାର୍ଯ୍ୟ କରିବେ, ପ୍ରତିକୂଳ ପରିସ୍ଥିତି ଆସିପାରେ, ବୁଝାମଣା ଠିକ୍ ରହିବ, ଦୂର ଯାତ୍ରାରେ ସଫଳତା, ପ୍ରତୀକ୍ଷିତ ଖବର ପାଇପାଇବେ, ପକ୍ଷପାତିତାକୁ ନାପସନ୍ଦ, ମାନସିକ ଅସ୍ଥିରତା, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ନୂତନ ନିଯୁକ୍ତି ସୂଚନା ॥

# ଓଜନ କମାଇବାର ଘରୋଇ ଉପାୟ...

ଫିଟ୍ ଆଣ୍ଡ ଫାଇନ୍ ରହିବାକୁ ହେଲେ ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିବା ନିହାତି ଜରୁରୀ। ସେଥିପାଇଁ କିଏ କେତେ ଉପାୟ ଆପଣାଇଥାନ୍ତି। କିଛି ଲୋକ ଓଜନ କମାଇବା ପାଇଁ ବିଭିନ୍ନ ପ୍ରକାର ଔଷଧ ସେବନ କରିଥାନ୍ତି ତ ଆଉ କିଛି ଲୋକ ଡାଏଟ୍ କଣ୍ଟ୍ରୋଲ୍ ଉପରେ ବିଶ୍ୱାସ କରିଥାନ୍ତି। ହେଲେ ଜାଣନ୍ତି କି ଏମିତି ବି କିଛି ସହଜ ଓ ସରଳ ଘରୋଇ ଟିପ୍ସ ରହିଛି ; ଯାହାକୁ ଆପଣେଇ ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିହେବ। ଯେମିତିକି: ✲ ସକାଳୁ ଉଠିବା ପରେ ପ୍ରଥମେ କିଛି ସମୟ ପାଇଁ ଚଲାବୁଲା କରିବା। ଏହି ଉପାୟ ଦ୍ୱାରା ଧୀରେ ଧୀରେ ଶରୀରର ଓଜନ କମିବା ସାଙ୍ଗକୁ ବ୍ୟକ୍ତିଙ୍କୁ ଫ୍ରେଶ୍ ଅନୁଭବ ବି ହୋଇଥାଏ। ✲ ପ୍ରତିଦିନ କିଛି କିଛି ସମୟ ଯୋଗ କଲେ ବି ଶରୀରକୁ ଅନେକ ଫାଇଦା ମିଳିଥାଏ। ✲ ସେହିପରି ସକାଳ ସମୟରେ ଏକ ଗ୍ଲାସ୍ ହାଲୁକା ଉଷୁମ ପାଣିରେ ଦୁଇ ଚାମଚ ମହୁ ମିଶାଇ ନିୟମିତ ପିଇଲେ ଶରୀରର ଓଜନ ଧୀରେ ଧୀରେ କମିବାକୁ ଲାଗିଥାଏ। ✲ ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ ଠିକ୍ ସମୟରେ ପାଣି ପିଇବା ବି ନିହାତି ଜରୁରୀ। ✲



ଭୋଜନ କରିବାର ଏକ ଘଣ୍ଟା ପୂର୍ବରୁ ପାଣି ପିଇଲେ ଏହା ଭୋକକୁ କିଛି ସମୟ ପାଇଁ ଶାନ୍ତ କରି ଦେଇଥାଏ ; ଯଦ୍ୱାରା ଆବଶ୍ୟକତାଠାରୁ ଆଉ ଅଧିକା ଖାଇହୁଏନି। ଫଳରେ ଓଜନ ବଢ଼ିବାର ଆଶଙ୍କା କମିଯାଏ। ✲ ଲେମନ୍ ଟି ହେଉ କି ଗ୍ରୀନ୍ ଟି ପିଇବା ଦ୍ୱାରା ବି ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିହୁଏ ।

# ପାଠକୀୟ

✲ ଭଲରେ କଥା କହି ପାରୁ ନଥିବା ବୟସରୁ ଏମାନେ ନାଚ, ଗୀତ, ଅଭିନୟ କରି ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେଇଛନ୍ତି। ସେମିତି କେତେଜଣ କୁନି ୟୁଟ୍ୟୁବର୍‌ଙ୍କୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଏକ ନିଆରା ଆଲେଖ୍ୟ ଥିଲା। 'ଶିଡ଼ି ତଳେ କ'ଣ ରଖିବେ ନାହିଁ', 'ଚାପମୁକ୍ତ ରହିବେ କେମିତି' ଆଦି ପାଠରୁ ବହୁ ଉପାଦେୟ କଥା ଜାଣିହେଲା।

*– ଲୁପୁନ୍ ମହାପାତ୍ର, ଖୋର୍ଦ୍ଧା*

✲ ଏମାନେ ପାଠରେ ଯେମିତି, ଶାଠରେ ବି ସେମିତି। ନାଚ, ଗୀତ ସାଙ୍ଗକୁ ଅଭିନୟର ପଟୁତା ତାଙ୍କ ଭିତରେ ଯେମିତି ପିଲାଟିବେଳୁ ରହିଛି। ସେଥିପାଇଁ ସୋସିଆଲ ମିଡିଆରେ ଏମାନେ ଏବେ ବେଶ୍ ଭାଇରାଲ୍। ସେମିତି କେତେଜଣ କୁନି ୟୁଟ୍ୟୁବରଙ୍କ ଜୀବନ କାହାଣୀକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମନଛୁଆଁ ହୋଇଥିଲା। 'ପ୍ରେମ ସରିଲା ଟାଟୁ ଲିଭିଲା' ପାଠରୁ ସେଲିବ୍ରିଟିଙ୍କ ବିଷୟରେ ଅନେକ ନୂଆ କଥା ଜାଣିବାକୁ ମିଳିଲା।

*– ଭବାନୀ ସ୍ୱାଇଁ, ମୟୂରଭଞ୍ଜ*

✲ ସୃଜନ ପୃଷ୍ଠାରେ ସ୍ଥାନିତ 'ଆହ୍ୱାନ' ଶୀର୍ଷକ ଗପଟି ହୃଦୟସ୍ପର୍ଶୀ ଥିଲା। 'ବାଟୋଇ', 'ଅଭିଳାଷ' ଶୀର୍ଷକ କବିତାଗୁଡ଼ିକ ବି ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'କରୀନା ଯାହା ଭାବିଥିଲେ', 'ମନା କରିଥିଲେ ପ୍ରଭାସ୍', 'କେବଳ ଶାହରୁଖ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ନିଆରା ଥିଲା।

*– ବିହାରୀ ପ୍ରଧାନ, ମାଲକାନଗିରି*

✲ ସାହିତ୍ୟିକ ତଥା ପ୍ରଶାସନିକ ଅଧିକାରୀ ଧନଞ୍ଜୟ ସ୍ୱାଇଁଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ହୃଦୟସ୍ପର୍ଶୀ ହୋଇଥିଲା। 'ଏକ ନଷ୍ଟ ଝିଅର କାହାଣୀ' ପାଠଟି ବି ଏକ ନିଆରା ଆଲେଖ୍ୟ ଥିଲା। ମଡେଲ୍ ମିରର୍‌ରେ 'ଶ୍ରାବଣୀ' ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ଖୁବ୍ ମଜାଦାର ହୋଇଥିଲା।

*– ରାଜଶ୍ରୀ ପରିଡ଼ା, ବାରିପଦା*

✲ ସହରଠୁ ଦୂର ପୃଷ୍ଠାରୁ 'ବାନ୍ଧବଗଡ଼ ଜାତୀୟ ଉଦ୍ୟାନ' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ନବଜାତ ଶିଶୁ କାନ୍ଦନ୍ତି କାହିଁକି' ପାଠଟି ଶିକ୍ଷଣୀୟ ବିଷୟ ଥିଲା। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଖୁସି ପାଗ' ଶୀର୍ଷକ ପାଠଟିରୁ ବହୁ ଉପାଦେୟ କଥା ଜାଣିହେଲା। ବ୍ୟାକ୍‌ପେଜ୍ ପୃଷ୍ଠାଟି ବି ଖୁବ୍ ନିଆରା ଲାଗୁଥିଲା।

*– ବାବୁ ସାହୁ, ନୟାଗଡ଼*

## ବିଶେଷ ଚିଠି



କୁନି ୟୁଟ୍ୟୁବର୍‌କୁ ନେଇ
ଥିଲା ଏଥରର ପ୍ରଚ୍ଛଦ,
ଲାଗୁଥିଲା ଭାରି ବଢ଼ିଆ
ମନେ ଭରୁଥିଲା ଅପୂର୍ବ ଆନନ୍ଦ।
ତା'ସାଙ୍ଗକୁ ନିଆରା ଥିଲା
ସାଥୀ, ସିନେମା ଓ ସହରଠୁ ଦୂର,
ଭାରି ଅଜବ ଲାଗୁଥିଲା
ପୁଣି ବ୍ୟାକ୍‌ପେଜ୍ ତୁମର।
ହେ ପ୍ରିୟ ଛୁଟିଦିନ !
ତୁମେ ଅଟ ସର୍ବଗୁଣ ସମ୍ପନ୍ନ।

*– ମେଘନା ପଣ୍ଡା, କେନ୍ଦ୍ରାପଡ଼ା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଦେଶୀ ଚିକିତ୍ସକ



ଭାରତର ବହୁ ପୁରାତନ ତଥା ପାରମ୍ପରିକ ଚିକିତ୍ସା ହେଉଛି ଆୟୁର୍ବେଦିକ ଚିକିତ୍ସା। ଆଜି ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଥିବା ସତ୍ତ୍ୱେ ବି ଏହି ପାରମ୍ପରିକ ଦେଶୀ ଚିକିତ୍ସା ପ୍ରତି ଆଗ୍ରହ ବଢିବାରେ ଲାଗିଛି...

**ଭା**ରତରେ ଆୟୁର୍ବେଦିକ ବା ଜଡ଼ିବୁଟି ଚିକିତ୍ସା ବହୁ ପୁରାତନ। ସେତେବେଳେ ଜଡ଼ିବୁଟି ଦ୍ୱାରା ଚିକିତ୍ସା କରୁଥିବା ଚିକିତ୍ସକଙ୍କୁ କବିରାଜ କୁହାଯାଉଥିଲା। ଓଡ଼ିଶାର ପ୍ରତି ଗାଁର ଘରେ ଘରେ ଏବେ ବି କବିରାଜ ଲକ୍ଷ୍ମଣ ମିଶ୍ରଙ୍କ ପ୍ରଣୀତ ଆୟୁର୍ବେଦିକ ପୁସ୍ତକ 'ଅନୁଭୂତି ଯୋଗମାଳା' ବା 'ସହଜ ଚିକିତ୍ସା'ର ପ୍ରଥମଭାଗ ଏବଂ ଦ୍ୱିତୀୟ ଭାଗ ସୁପରିଚିତ। ଆଜିକା ସମୟରେ ବିଭିନ୍ନ ପ୍ରକାରର ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ରହିଥିବାବେଳେ ଅନେକଲୋକ ଆୟୁର୍ବେଦିକ ଓ ପଞ୍ଚକର୍ମ ଚିକିତ୍ସା ପ୍ରତି ଅଧିକମାତ୍ରାରେ ଆଗ୍ରହୀ ହେଉଛନ୍ତି। ସେଥିପାଇଁ ଏବେବି ଅନେକ ଏହି ବୈଦ୍ୟମାନଙ୍କ ଉପରେ ଭରସା ରଖିଛନ୍ତି। ଆଉ ସବୁଠୁ ବଡ଼ କଥା ହେଲା ଏମାନଙ୍କ ମଧ୍ୟରୁ ଅନେକ ଅଛନ୍ତି, ଯେଉଁମାନେ କୌଣସି ଶିକ୍ଷାନୁଷ୍ଠାନରୁ ବିଧିବଦ୍ଧ ଶିକ୍ଷା ହାସଲ କରିନାହାନ୍ତି। ମାତ୍ର ସେମାନଙ୍କର ବିଭିନ୍ନ ରୋଗ ନିବାରଣ କରିବାରେ ରହିଛି ଅପରିମିତ ପାରଦର୍ଶିତା। ପୁରୁଷ ପୁରୁଷ ଧରି ପାରମ୍ପରିକ ଦେଶୀୟ ପଦ୍ଧତିରେ ଚିକିତ୍ସା କରିଆସୁଛନ୍ତି। ସେମିତି କେତେଜଣଙ୍କ ସମ୍ପର୍କରେ...

**ବୃକ୍ଷଲତାରେ ଭରପୂର ଔଷଧୀୟ ଗୁଣ ରହିଛି–:** କଲେଜ ସମୟରୁ ସେ ବିଭିନ୍ନ ଚେରମୂଳିର ଔଷଧୀୟ ଗୁଣ ଜାଣିବା ପାଇଁ ମନ ବଳାଇଥିଲେ। ସେଥିପାଇଁ ସ୍ଥାନୀୟ ଅଞ୍ଚଳର ବଣ ଜଙ୍ଗଲ ଓ ମୁଣ୍ଡିଆରେ ଥିବା ବିଭିନ୍ନ ବୃକ୍ଷଲତାର ଚେରମୂଳିକୁ ସଂଗ୍ରହ କରୁଥିଲେ। ସମୟକ୍ରମେ ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ତରଫରୁ ଆୟୋଜିତ ପ୍ରାକୃତିକ ବୃକ୍ଷଲତାର ଔଷଧୀୟ ଗୁଣ ଉପରେ ତାଲିମ ନେଲେ। ସେ ହେଲେ ନୟାଗଡ଼ ଜିଲା କଇଥଗାଡ଼ିଆ ରୋଡ଼ର **ବୈଦ୍ୟ ସନ୍ତୋଷ କୁମାର ରଥ**। ସେ କୁହନ୍ତି, 'ଆମ ଘରେ ମୋ ନନା (ବାପା) ରାମଚନ୍ଦ୍ର ରଥ ଥିଲେ ଜଣେ ହୋମିଓପାଥିକ ଚିକିତ୍ସକ। କିନ୍ତୁ ମୋର ଇଚ୍ଛା ଥାଏ ବିଭିନ୍ନ ବୃକ୍ଷଲତାର ଔଷଧୀୟ ଗୁଣକୁ କିପରି ଜାଣି ଲୋକଙ୍କ ସେବାରେ ନିୟୋଜିତ କରିବି। ମୋର ବି.ଏ. ପଢ଼ା ସରିଲା ପରେ ହିନ୍ଦୀରେ ମାଷ୍ଟରଡିଗ୍ରୀ ହାସଲ କରି ହିନ୍ଦୀ ଶିକ୍ଷକଭାବେ ମଧ୍ୟ ନିଯୁକ୍ତି ପାଇଲି। ପରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗରେ କାର୍ଯ୍ୟ କଲି। ଯେହେତୁ ମୋର ଆୟୁର୍ବେଦିକ ଚେରମୂଳି ବିଷୟରେ ଜାଣିବାକୁ ଇଚ୍ଛାଥିଲା, ସେଥିପାଇଁ ଆମ ଅଞ୍ଚଳର ରୁକ୍ଷମୁଣ୍ଡିଆ, ବଳରାମ ମୁଣ୍ଡିଆରୁ ବୃକ୍ଷଲତା, ଚେରମୂଳି ସଂଗ୍ରହ କରିବା ସହିତ ଆଉ କିଛି ଚେରମୂଳିକୁ କିଣି ଆଣୁଥିଲି। ଯେତେବେଳେ ଜଡ଼ିବୁଟିର ଔଷଧୀୟ ଗୁଣ ସମ୍ପର୍କରେ ଭଲରେ ଜାଣିଲି, ତା'ପରେ ଯାଇ ରୋଗୀମାନଙ୍କୁ ଚିକିତ୍ସା କରିବା ଆରମ୍ଭ କରିଥିଲି। ଏଥିରେ ଧୀରେ ଧୀରେ ସଫଳତା ମିଳିଲା। ମତେ ବହୁତ ଖୁସି ଲାଗିଲା। ମୁଁ ଯେତେବେଳେ କୌଣସି ରୋଗୀକୁ ଚିକିତ୍ସା କରିବା ପାଇଁ ଚିନ୍ତା କରେ, ପ୍ରଥମେ ରୋଗର ଲକ୍ଷଣ ସମ୍ପର୍କରେ ଜାଣିବାକୁ ଚେଷ୍ଟାକରେ। ରୋଗୀଙ୍କୁ ବିଭିନ୍ନ କଥା ପଚାରିବା ସହିତ ପୂର୍ବରୁ ଯଦି କିଛି ଚିକିତ୍ସା ହେଉଥିଲେ ସେ ବିଷୟରେ ବୁଝିଥାଏ। ତା'ପରେ ତିଆରି କରିଥିବା ଜଡ଼ିବୁଟି ଔଷଧକୁ ଦେଇଥାଏ। ଏମିତିରେ ପ୍ରାୟ ୩୮ବର୍ଷ ବିତିଗଲାଣି। ବିଶେଷକରି ଅର୍ଶ, ମଳକଣ୍ଟକ, ଭାତୁଡ଼ି ଆଦି ରୋଗକୁ ଭଲ କରିଥାଏ। ଜଡ଼ିବୁଟି ତିଆରି କରିବା ବେଳେ ଔଷଧର ଆବଶ୍ୟକ, ମାପ, ଓଜନ, ମାନ ଓ ଗୁଣ ; ଔଷଧୀୟ ଶୋଧନ ପ୍ରଣାଳୀ ପ୍ରତି ନଜର ଦେବାକୁ ପଡ଼ିଥାଏ। ଆଜିଯାଏ ପ୍ରାୟ ୨ ହଜାର ରୋଗୀଙ୍କୁ ଚିକିତ୍ସା କରିସାରିଲିଣି। ଆଜିକାଲି ଆୟୁର୍ବେଦିକ ଚିକିତ୍ସା ପ୍ରତି ଲୋକଙ୍କ ମନରେ ଆଗ୍ରହ ସୃଷ୍ଟି ହେଉଛି। ଏହି ଚିକିତ୍ସା ସେବା ପାଇଁ ନୟାଗଡ଼ ଜିଲା ବୈଦ୍ୟ ସଂଘ, ଶ୍ରେଷ୍ଠ ବୈଦ୍ୟରତ୍ନ, ସତ୍ୟସାଇ ଆୟୁର୍ବିଜ୍ଞାନ ମହାବିଦ୍ୟାଳୟ ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ର, କେଶୁରା ବାଲିଘାଟ ତରଫରୁ ବୈଦ୍ୟରାଜ ସମ୍ମାନ ସହିତ କଳିଙ୍ଗ ହର୍ବାଲ ମେଳାରେ ମଧ୍ୟ ପୁରସ୍କୃତ ହୋଇଛି। ନ୍ୟାଶନାଲ ମେଡିସିନାଲ ଫ୍ରଣ୍ଟ ତରଫରୁ ବି ପୁରସ୍କୃତ ହୋଇଛି।



**ଜଡ଼ିବୁଟୀ ପାଇଁ ବଣଜଙ୍ଗଲ ବୁଲିବାକୁ ପଡ଼େ–** ପାରମ୍ପରିକ ବୈଦ୍ୟ ପରିବାର ଭାବେ ତାଙ୍କ ଘରର ପରିଚିତି ରହିଛି। ତାଙ୍କ ବାପା ଓ ଜେଜେବାପା ଥିଲେ ଜଣେ ଜଣେ ବୈଦ୍ୟରାଜ। ସ୍କୁଲ ବୟସରୁ ସେ ଜଡ଼ିବୁଟିର ଔଷଧୀୟ ଗୁଣ ଓ ତା'ର ବ୍ୟବହାର ସମ୍ପର୍କରେ ଶିକ୍ଷା ପାଇଥିଲେ। ସେହେଲେ **ବୈଦ୍ୟ ବ୍ୟୋମକେଶ ବାରିକ**। ସେ କୁହନ୍ତି, 'ଆମ ଘର ନୂଆପଡ଼ା ଜିଲା ଖରିଆଳ ବ୍ଲକ ଅଧୀନ ଜୁନାନୀ ଗାଁରେ। ସ୍କୁଲ ବୟସରୁ ବିଭିନ୍ନ ଗଛଲତାକୁ ଚିହ୍ନିବା ଓ ତା'ର ଔଷଧୀୟ ଗୁଣ ଜାଣିବା ପାଇଁ ମନରେ ପ୍ରବଳ ଦୁର୍ବଳତା ରହିଥିଲା। ସେଥିପାଇଁ ଘରେ ତିଆରି କରାଯାଉଥିବା ଜଡ଼ିବୁଟିକୁ ଧ୍ୟାନର ସହ ଦେଖୁଥିଲି। ନୂଆପଡ଼ା, ସୁନାବେଢ଼ା ଜଙ୍ଗଲରୁ ବୃକ୍ଷଲତା ସଂଗ୍ରହ କରୁଥିଲି। ତେବେ ଚେରମୂଳି ଔଷଧ ତିଆରି ବେଳେ ତାର ସ୍ୱତନ୍ତ୍ର ଭାଗ ମାପ ପ୍ରତି ଧ୍ୟାନ ଦେଇଥାଉ। ରୋଗୀଙ୍କୁ ଦେଖି ସେମାନଙ୍କ ନାଡ଼ି ଦେଖିବା ସହିତ ରୋଗୀଙ୍କ ପରିସ୍ରା ପରୀକ୍ଷା, ରୋଗର ଲକ୍ଷଣ ବିଷୟରେ ପଚାରି ବୁଝିଥାଉ। ପଥ୍ୟ ଉପରେ ଗୁରୁତ୍ୱ ଦେଇ ଆବଶ୍ୟକ ଜଡ଼ିବୁଟି ଔଷଧ ଦେଇ ଚିକିତ୍ସା କରିଥାଉ। ବିଶେଷକରି ବାତ, ପିତ୍ତ, କିଡ୍‌ନୀ ସମସ୍ୟା, ରକ୍ତହୀନତା ଆଦି ରୋଗରୁ ଉପଶମ ମିଳିବା ନିମନ୍ତେ ନଜର ଦେଇଥାଏ। ଏବେ ପ୍ରାୟ ୪୦ବର୍ଷ ଧରି ଆୟୁର୍ବେଦିକ ଚିକିତ୍ସା କରିଆସୁଛି। ଏହା ଦ୍ୱାରା ଅନେକ ରୋଗୀ ରୋଗରୁ ଉପଶମ ପାଇପାରୁଛନ୍ତି। ରୋଗ ନିରୂପଣ ପାଇଁ ପୋଥିପତ୍ର ସହ ଗୁରୁମାନଙ୍କଠାରୁ ଔଷଧ ତିଆରି ଓ ବ୍ୟବହାର ସମ୍ପର୍କରେ ଜ୍ଞାନ ଆହରଣ କରିଥାଏ। ଏହି ବୈଦ୍ୟରାଜ କାର୍ଯ୍ୟ ପାଇଁ ଖରିଆଳ କ୍ଷେତ୍ରୀୟସମାଜ ବୈଦ୍ୟ ସଂଘ ତରଫରୁ ପୁରସ୍କୃତ ହୋଇଛି।

**ବାପା ଜେଜେ ବାପା ପ୍ରଥମ ଗୁରୁ–**ସେ ତାଙ୍କ ଜେଜେବାପା, ବାପାଙ୍କଠାରୁ ଜଡ଼ିବୁଟୀ ଔଷଧ ତିଆରି ଓ ରୋଗୀ ଚିକିତ୍ସାର ତାଲିମ ନେଇଥିଲେ। ସେ ହେଲେ **ବୈଦ୍ୟ ଜଗନ୍ନାଥ ମେହେର**। ଘର ବଲାଙ୍ଗୀର ଜିଲା ମୁରୀବାହାଲ ବ୍ଲକ ଅନ୍ତର୍ଗତ ଗୁଡ଼ିଘାଟ ପତ୍ରାପାଲିରେ। ସେ କୁହନ୍ତି, ପ୍ରାୟ ୨୦ବର୍ଷରୁ ଏହି ଜଡ଼ିବୁଟି ତିଆରି କରିଆସୁଛି। ଘରେ ବିଭିନ୍ନ ପାରମ୍ପରିକ ଦେଶୀ ଔଷଧ ତିଆରି କରି ରୋଗୀଙ୍କୁ ରୋଗରୁ ଉପଶମ କରିଥାଏ। ସେଥିପାଇଁ ଟିଟିଲାଗଡ଼ ସବ୍‌ଡିଭିଜନାଲ ଅଧୀନରେ ଥିବା ଜଙ୍ଗଲରୁ ବିଭିନ୍ନ ବୃକ୍ଷଲତା ସଂଗ୍ରହ କରେ। ଔଷଧ ଦେବାବେଳେ ରୋଗୀଙ୍କ ମୁହଁ, କାନ, ନଖ, ପାଦ ଓ ନାଡ଼ି ଆଦିକୁ ନଜର କରି ରୋଗ ନିରୂପଣ କରିଥାଏ। ପ୍ରାୟ ୬୦ବର୍ଷ ଧରି, ଗ୍ୟାସ୍ଟ୍ରିକ, ବାତରୋଗ ଓ ଚର୍ମ ରୋଗରୁ ରୋଗୀଙ୍କୁ ଚିକିତ୍ସା କରିବାରେ ବହୁ ସଫଳତା ପାଇଛି। ଏବେ ମୋ'ଠାରୁ ମୋ' ପୁଅ ଓ ନାତି ଏହି ବିଦ୍ୟା ଶିଖୁଛନ୍ତି। ବିଭିନ୍ନ ବୃକ୍ଷଲତାକୁ ଅଜା, ଆଈ ମୋତେ ଚିହ୍ନାଇଥିଲେ। ଔଷଧୀୟ ପତ୍ରପତ୍ରିକା ପଢ଼ି ଜାଣିପାରୁଥିଲି। ବିଶେଷକରି ଗ୍ୟାସ୍ଟ୍ରିକ ଓ ବାତରୋଗୀଙ୍କୁ ଚିକିତ୍ସା କରି ଉପଶମ କରିବାରେ ମୋର ଏହି ଚିକିତ୍ସାରେ ଅଧିକ ବିଶ୍ୱାସ ରହିଛି।

**ତାଳପତ୍ର ପୋଥିରୁ ପ୍ରଥମେ ଶିଖିଲି–** ଘରେ ବାପା ଥିଲେ ଜଣେ ବୈଦ୍ୟ। ସେ ବିଭିନ୍ନ ଜଡ଼ିବୁଟି ତିଆରି କରି ରୋଗୀଙ୍କୁ ଦେଉଥିଲେ। ପିଲାଟି ଦିନରୁ ସେବୁକୁ ମୁଁ ଦେଖିଛି। ଧୀରେ ଧୀରେ ଏଥିପ୍ରତି ମୋର ଆଗ୍ରହ ବଢ଼ିଥିଲା। ସେଥିପାଇଁ ଘରେ ଥିବା କେତେକ ପୁରୁଣା ତାଳପୋଥିରୁ ବିଭିନ୍ନ ଔଷଧୀୟ ଚେରମୂଳି ସମ୍ପର୍କରେ ଜାଣିଲି ବୋଲି କୁହନ୍ତି ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଅଧୀନ ଯୋଗୀମୁଣ୍ଡା ଗାଁର **ବୈଦ୍ୟ ପାଣ୍ଡବ ସେଠ**।



ସେ କୁହନ୍ତି, ବାପାଙ୍କଠାରୁ ବିଭିନ୍ନ ବୃକ୍ଷଲତାକୁ ଚିହ୍ନିବା ପାଇଁ ହରିଶଙ୍କର ପାହାଡ଼ ଜଙ୍ଗଲରେ ଘୂରି ବୁଲିଥିଲି। ତୁଳସୀ, ବେଲପତ୍ର, ନିମ୍ବ, ଅଁଳା, ଘିକୁଆଁରୀ, ଶତାବରୀ, ତାଳମୂଳ, ଭରତବାଟୁଳି, ପଶାରୁଣି, ଅକାବିନ୍ଧା, ଅପରାଜିତା, ଭୂଇଁନିମ୍ବ, ଜୁଆଣି, ହଳଦୀ, ଅଦା, ହେମକେଦାର, ପାଷାଣଭେଦି, ଗୁଳୁଚିଲତା, ଦୂବ, ଅଶୋକ, ଅର୍ଜୁନ୍, ଜାମୁକୋଳି, ପଳାଶଫୁଲ, ମନ୍ଦାର, ରସୁଣ, ଲେମ୍ବୁ, ବାଇଡଙ୍କ, ପାଣିକଖାରୁ, ଓସ୍ତ, ବର, ଚନ୍ଦନ, ରକ୍ତଚନ୍ଦନ, କଳାଜିରା, ଧନ୍ୱନ୍ତରୀ, ପୋଦିନା, ବଚ, ରୁଦ୍ରାକ୍ଷ, ଗରୁଡ଼, ଅଗସ୍ତି, ଗୁଡ଼ମାରି, ପିପ୍ପଳି, ବାସଙ୍ଗ, ଧଳାଅରକ୍ଷ, ହାଡ଼କଙ୍କାଳି, ରୁକୁଣା, ହାତବୋଛା, ବ୍ରଜମଲି, ପାତାଳ ଗରୁଡ଼, ବଣ ବାଇଗଣ, ଚିରିଚିରା, ଅଶ୍ୱଗନ୍ଧା, କପୁର ତୁଳସୀ, ଭୃଙ୍ଗରାଜ, ବ୍ରାହ୍ମୀ, ହାତୀଖୋଜିଆ, କଇଥ, ହରିଡ଼ା, ବାହାଡ଼ା, ଅଁଳା, ମେଥି, ଅନନ୍ତମୂଳ, ଅମରପୋଇ, ଗଙ୍ଗଶିଉଳି, ସୁନିଆରୀ, ମହୁଲ, କଦମ୍ବ, ଛତିଆନା, ବେଗୁନିଆ, କରଞ୍ଜ, ଭାଲିଆ, ମଞ୍ଜୁଆତି ଆଦି ବୃକ୍ଷଲତାର ଔଷଧୀୟ ଗୁଣ ଜାଣିପାରିଲି। ବଣ ଜଙ୍ଗଲରୁ ସଂଗ୍ରହ କରିଥିବା ଚେରମୂଳିରେ ଦେଶୀ ଆୟୁର୍ବେଦିକ ଜଡ଼ିବୁଟି ଔଷଧ ତିଆରି କରିପାରୁଛି। ବିଭିନ୍ନ ଭାଗରେ ଜଡ଼ିବୁଟି ପୁଡ଼ିଆକରି ରୋଗୀଙ୍କୁ ଦେଇଥାଏ। ରୋଗୀମାନଙ୍କ ନାଡ଼ି, ଆଖି ଆଦି ଦେଖି ରୋଗର ଲକ୍ଷଣ ନିରୂପଣ କରିଥାଏ। ବିଶେଷକରି ସ୍ତ୍ରୀ ରୋଗ ଚିକିତ୍ସା ଉପରେ ପଥ୍ୟ ଆଦି କହିଥାଏ। ଆଜକୁ ପ୍ରାୟ ୪୦ବର୍ଷଧରି ଜଡ଼ିବୁଟି ଚିକିତ୍ସା ଚାଲିଛି। ଏଥିରୁ ଯାହା କିଛି ରୋଜଗାର ହୁଏ, ପରିବାର ଚଳିଯାଏ।


**ଆୟୁର୍ବେଦ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଦେଖି ଖୁସି ଲାଗୁଛି–** ବାପା ଥିଲେ ଜଣେ ଶିକ୍ଷକ। ସେ ବିଭିନ୍ନ ଆୟୁର୍ବେଦିକ ଜଡ଼ିବୁଟି ତିଆରି କରିଥାନ୍ତି। ତାଙ୍କଠାରୁ କିଛି କିଛି ଜଡ଼ିବୁଟି ଔଷଧ ଶିଖିଥିଲି। ତା'ପରେ ଶାଶୁଘରେ ଶ୍ୱଶୁରଙ୍କଠାରୁ ମଧ୍ୟ ଝଡ଼ିବୁଟି ତିଆରି ଶିଖିଥିବାର କୁହନ୍ତି ମୟୂରଭଞ୍ଜ ଜିଲା ବେତନଟି ଅଧୀନ ଦହିପୁଟ ଗାଁର **ବୈଦ୍ୟ ରଜନୀ ବାରିକ**। ସେ କୁହନ୍ତି, 'ଶାଶୁଘରେ ବିଭିନ୍ନ ଶାରୀରିକ ସମସ୍ୟା ହେଲେ ଜଡ଼ିବୁଟି ବ୍ୟବହାର କରି ନିଜେ ଆରୋଗ୍ୟ ଲାଭ କରୁଥିଲି। ସେଇଠୁ ମୋର ଜଡ଼ିବୁଟି ପ୍ରତି ଆଗ୍ରହ ବଢିଲା। ତା'ପରେ ଆୟୁର୍ବେଦିକ ଚେରମୂଳି ଔଷଧୀୟ ଗୁଣ ଜାଣିବା ପାଇଁ ଡ. ଲକ୍ଷ୍ମଣ ମିଶ୍ରଙ୍କ 'ଅନୁଭୂତି ଯୋଗମାଳା ବା ସହଜ ଚିକିତ୍ସା' ପୁସ୍ତକ ଏବଂ ରଘୁନାଥ ମିଶ୍ରଙ୍କ ଆୟୁର୍ବେଦିକ ଚିକିତ୍ସା ସମ୍ପର୍କୀୟ ପୁସ୍ତକ ପଢ଼ିଲି। ଏହବାଦ କେତେକ ତାଳପୋଥି , ଦେବ ଓ ଉପନିଷଦରେ ଥିବା ଆୟୁର୍ବେଦିକ ସମ୍ପର୍କରେ ମଧ ପଢିଲି। ବିଭିନ୍ନ ଚେରମୂଳିକୁ ଚିହ୍ନିବା ପରେ କେତେକ ବୃକ୍ଷଲତାକୁ ବାରିରେ ଲଗାଇଛି। ଆଉ କେତେକ ଔଷଧୀୟ ବୃକ୍ଷଲତା ସଂଗ୍ରହ କରିଥାଏ। ଏବେ ପ୍ରାୟ ୪୦ବର୍ଷଧରି ଜଡ଼ିବୁଟି ଚିକିତ୍ସା କାର୍ଯ୍ୟ କରିଆସୁଛି। ବିଶେଷକରି ଅର୍ଶ, ସ୍ତ୍ରୀ ରୋଗ, ପେଟ ଗ୍ୟାସ୍‌ଜନିତ ରୋଗରୁ ଆରୋଗ୍ୟ ନିମନ୍ତେ ଏହି ବୈଦ୍ୟକାର୍ଯ୍ୟ କରିଆସୁଛି। ମୋ ସ୍ୱାମୀ ଜଣେ ବୈଦ୍ୟ। ତାଙ୍କଠାରୁ କେତେକ ଚେରମୂଳିର ଔଷଧୀୟ ଗୁଣ ଓ ରୋଗ ନିରୂପଣ କଥା ଜାଣିଲି। ଏଯାଏ ପ୍ରାୟ ୪ହଜାରରୁ ଅଧିକ ରୋଗୀଙ୍କୁ ଚିକିତ୍ସା କରିସାରିଲାଣି। ଆୟୁର୍ବେଦ ପ୍ରତି ଲୋକଙ୍କର ଆଗ୍ରହ ଦିନକୁ ଦିନ ବଢୁଥିବାର ଦେଖି ଖୁସି ଲାଗୁଛି।

**ଅଜାଙ୍କଠାରୁ ଶିଖିଛି ଆୟୁର୍ବେଦିକ ଚିକିତ୍ସା ପଦ୍ଧତି–** ମୋ ଅଜା ତାଙ୍କ ଘରେ ବିଭିନ୍ନ ଜଡ଼ିବୁଟି ତିଆରି କରୁଥିବା ବେଳେ ସେସବୁକୁ ପିଲାଟି ଦିନରୁ ଦେଖିଛି। ମୋ ବଡ଼ଭାଇ ଲକ୍ଷ୍ମୀଧର ସେ ମଧ୍ୟ ଘରେ ବିଭିନ୍ନ ଆୟୁର୍ବେଦିକ ଜଡ଼ିବୁଟି ତିଆରି କରୁଥିବାରୁ ତାଙ୍କଠାରୁ ପ୍ରେରଣା ପାଇ ଜଡ଼ିବୁଟି ତିଆରି ପାଇଁ ମନ ବଳାଇଥିଲେ ବୋଲି କୁହନ୍ତି **ବୈଦ୍ୟ ଭାଗବତ ମହାନ୍ତ**। ସେ କୁହନ୍ତି, 'ଆମ ଘର ମୟୂରଭଞ୍ଜ ଜିଲାର ରାଇରଙ୍ଗପୁର ଏନ୍‌ଏସି ଅଞ୍ଚଳରେ। +୨ ପାଠପଢ଼ା ପରେ ଏହି ଜଡ଼ିବୁଟି ସଂଗ୍ରହ କାର୍ଯ୍ୟରେ ଅଧିକ ସମୟ ଦେଇଥିଲି। ଆମ ଅଞ୍ଚଳରେ ରହିଥିବା ଗୋରୁମହିଷାଣି, ହାତିଆ ପାହାଡ଼ ଜଙ୍ଗଲ ଓ ମାଛକାନ୍ଦଣା ଘାଟିରୁ ବିଭିନ୍ନ ଚେରମୂଳି ସଂଗ୍ରହ କରି ଆଣିଥାଉ। ଅଜା, ଭାଇ ଏବଂ ବାପାଙ୍କଠାରୁ ବିଭିନ୍ନ ବୃକ୍ଷଲତା ଚିହ୍ନିବା ସହିତ ତାର ଔଷଧୀୟ ଗୁଣ ଜାଣିଥିଲି। ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ତରଫରୁ ଔଷଧୀୟ ବୃକ୍ଷଲତାକୁ ଜାଣିବା, ଚିହ୍ନିବା ସହିତ ତା'ର ଔଷଧୀୟ ଗୁଣ ବିଷୟରେ ତାଲିମ ପାଇଛି। ଚିକିତ୍ସା କରିବା ପୂର୍ବରୁ ରୋଗୀଙ୍କ ନାଡ଼ି ଦେଖିଥାଉ, ଏପରିକି ପରିସ୍ରା ପରୀକ୍ଷା କରିବାକୁ ହୁଏ। ରୋଗୀଙ୍କ ଜିଭ, ଆଖି ଆଦି ଦେଖି କେତେକ ରୋଗର ଲକ୍ଷଣ ଜାଣିବା ପରେ ରୋଗ ନିରୂପଣ ସହଜ ହୋଇଥାଏ। କେତେକ ବୃକ୍ଷଲତାର ଔଷଧୀୟ ଗୁଣ ଭାବେ ଭୂଇଁକଖାରୁ ଚୂର୍ଣ୍ଣ ଉପକାର–ପୁଷ୍ଟିକାରକ, ମା' କ୍ଷୀର ବୃଦ୍ଧି। ତାଳମୂଳୀ ଚୂର୍ଣ୍ଣ– ଶକ୍ତିବର୍ଦ୍ଧକ ପୌରୁଷତ୍ୱ ଶକ୍ତିବର୍ଦ୍ଧକ। ସଫେଦ ମୂଶଳୀ ଚୂର୍ଣ୍ଣ– ପୌରୁଷତ୍ୱ, ଶୁକ୍ର ଓ ସ୍ୱାସ୍ଥ୍ୟବର୍ଦ୍ଧକ। ବାଇଡଙ୍କ ଚୂର୍ଣ୍ଣ– ଶୁକ୍ରକୀଟ ବର୍ଦ୍ଧକ ଓ ପୌରୁଷତ୍ୱ ଶକ୍ତିବର୍ଦ୍ଧକ। ଜାମୁକୋଳି ଚୂର୍ଣ୍ଣ– ମଧୁମେହ ନିୟନ୍ତ୍ରକ। ଗୁଡ଼ମାରୀ– ମଧୁମେହ ନିୟନ୍ତ୍ରକ। ଷ୍ଟିଭିୟା– ମଧୁମେହର ଗ୍ଲୁକୋଜ ବିହୀନ ଶର୍କରା। ତୁଳସୀ ଚା– ମନ୍ଦାଗ୍ନି, କାଶ, କଫ, ଥଣ୍ଡା ଓ ଶର୍ଦ୍ଦିନାଶକ। ବ୍ରାହ୍ମୀଚୂର୍ଣ୍ଣ– ସ୍ମୃତିଶକ୍ତି ଓ ମସ୍ତିଷ୍କ ଦୁର୍ବଳତା। ଶଙ୍ଖପୁଷ୍ପୀ– ସ୍ମୃତିଶକ୍ତି ଓ ମସ୍ତିକେ ଶକ୍ତିବର୍ଦ୍ଧକ। ଅର୍ଜୁନ ଚୂର୍ଣ୍ଣ– ହୃଦ୍‌ରୋଗ, ଯକୃତ ସମସ୍ୟା, ମେଦ ନିୟନ୍ତ୍ରଣ। ଅଶୋକାଚୂର୍ଣ୍ଣ– ପ୍ରସୁତିଜନିତ ସମସ୍ୟା ପାଇଁ ଉଦ୍ଦିଷ୍ଟ। କରଞ୍ଜ ତେଲ– ସମସ୍ତ ପ୍ରକାର ଘା, ବ୍ୟଥା, ଦରଜ ପାଇଁ ଆବଶ୍ୟକ। ନିମ୍ବତେଲ– ସମସ୍ତ ପ୍ରକାର ଚର୍ମ ରୋଗ ପାଇଁ ଦରକାର। ବଣ ତୁଳସୀ–ତେଲ– ଥଣ୍ଡା,ସର୍ଦ୍ଦି, କାଶ, ଛିଙ୍କର ମହୌଷଧି ଅଟେ। ଏମିତି ଔଷଧକୁ ଆଜକୁ ପ୍ରାୟ ୨୦ବର୍ଷ ଧରି ଜଣେ ବୈଦ୍ୟ ଭାବେ ବିଭିନ୍ନ ଆୟୁର୍ବେଦିକ ଝଡ଼ିବୁଟି ପ୍ରସ୍ତୁତ କରି ରୋଗୀଙ୍କ ରୋଗ ଚିକିତ୍ସା କରିଆସୁଛି। ବିଶେଷକରି ପେଟଜନିତ ରୋଗ, ଗ୍ୟାସ୍ ଏବଂ ବାତ ରୋଗ ପାଇଁ ଜଡ଼ିବୁଟି ଦେଇଥାଏ। ଏହି ଜଡ଼ିବୁଟି ତିଆରି ଓ ରୋଗୀଙ୍କ ଚିକିତ୍ସା ସେବାରେ ମୋ ପତ୍ନୀ ଓ ତିନିଝିଅ ସହଯୋଗ କରିଥାନ୍ତି। ଏଯାଏ ପ୍ରାୟ ୪ହଜାରରୁ ଅଧିକ ରୋଗୀଙ୍କୁ ଆୟୁର୍ବେଦିକ ଜଡ଼ିବୁଟି ଚିକିତ୍ସା କରିଛି। ଆୟୁର୍ବେଦିକର ପ୍ରଚାର ପ୍ରସାର କରୁଛି।


ଆଗରୁ ବୈଦ୍ୟମାନେ ଚିକିତ୍ସା ପାଇଁ ନିଜ ଘରବାରିରେ ବିଭିନ୍ନ ଆୟୁର୍ବେଦିକ ଗଛ ଲଗାଉଥିଲେ। ହେଲେ ଏବେ ଦିନକୁ ଦିନ ଆୟୁର୍ବେଦିକ ବୃକ୍ଷ ସଂଖ୍ୟା କମିବାରେ ଲାଗିଛି। ଆଗ ଅପେକ୍ଷା ଆଉ ଦେଶୀୟ ଗଛ ଦେଖିବାକୁ ମିଳୁନାହିଁ। ଯାହା ଏହି ଚିକିତ୍ସା ପାଇଁ ବଡ଼ ସମସ୍ୟା ହୋଇ ଠିଆ ହୋଇଛି। ତେଣୁ ଏହି ଚିକିତ୍ସାକୁ ଅଧିକ ପ୍ରସାର ପାଇଁ ଅଧିକରୁ ଅଧିକ ଆୟୁର୍ବେଦିକ ବୃକ୍ଷ ଲଗାଇବା ଜରୁରୀ ବୋଲି କୁହନ୍ତି ଏହି ଦେଶୀ ଚିକିତ୍ସକମାନେ।

– ବନବିହାରୀ ବେହେରା




ଜଗନ୍ନାଥ ମେହେର


ଭାଗବତ ମହାନ୍ତ


ବ୍ୟୋମକେଶ ବାରିକ


ପାଣ୍ଡବ ସେଠ


ସନ୍ତୋଷ କୁମାର ରଥ


ରଜନୀ ବାରିକ









# ପରିବେଶ ପ୍ରେମୀ ସେଲିବ୍ରିଟି



**ଗ୍ଲାମର ଦୁନିଆର ତାରକା କେବଳ ଯେ ଦର୍ଶକଙ୍କ ମନୋରଞ୍ଜନ କରନ୍ତି ତାହା ନୁହେଁ, ପରିବେଶ ବିଷୟରେ ବି ଚିନ୍ତା କରନ୍ତି। ସୁସ୍ଥ ପରିବେଶର ବାର୍ତ୍ତା ବାଣ୍ଟନ୍ତି। ସେମିତି କେତେଜଣ ପରିବେଶ ପ୍ରେମୀ ସେଲିବ୍ରିଟିଙ୍କ ସମ୍ପର୍କରେ....**

**ଭୂମି ପେଦନେକର:** ପରିବେଶକୁ ନେଇ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଭୂମି ପେଦନେକର ସବୁବେଳେ ସକ୍ରିୟ ରହିଆସିଛନ୍ତି। ଏମିତିକି ପରିବେଶର ବିଭିନ୍ନ ସମସ୍ୟା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଲାଗି ସେ 'କ୍ଲାଇମେଟ ୱାରିୟର୍ସ' ନାମରେ ଏକ କ୍ୟାମ୍ପେନ ବି ଆରମ୍ଭ କରିଥିଲେ। ଏକ ସାକ୍ଷାତ୍କାରରେ ସେ କହିଛନ୍ତି, 'ଜଣେ ଜଳବାୟୁ ଯୋଦ୍ଧା ଭାବରେ ମୋର ଲକ୍ଷ୍ୟ ହେଉଛି ଲୋକଙ୍କୁ ଏଭଳିଭାବେ ସଚେତନ କରାଇବି, ଯେମିତିକି ସମସ୍ତେ ନିଜର ଏହି ସୁନ୍ଦର ଗ୍ରହର ସୁରକ୍ଷା ପାଇଁ କାର୍ଯ୍ୟ କରିବେ।'

**ଦୀୟା ମିର୍ଜା:** ଦୀୟା ମିର୍ଜା ଯେ, କେବଳ ଜଣେ ଅଭିନେତ୍ରୀ ତାହା ନୁହେଁ, ସେ ଜଣେ ପରିବେଶ ପ୍ରେମୀ ମଧ୍ୟ। ସେ ଭାରତ ପାଇଁ ମିଳିତ ଜାତିସଂଘର ପରିବେଶ ସଦ୍ଭାବନା ରାଷ୍ଟ୍ରଦୂତ ଭାବରେ ନିଯୁକ୍ତ ହୋଇଥିଲେ। ଏହାବାଦ ସେ ୱାଇଲ୍ଡ ଲାଇଫ ଟ୍ରଷ୍ଟ ଅଫ୍ ଇଣ୍ଡିଆର ରାଷ୍ଟ୍ରଦୂତ ଥିଲେ ଓ ସେଙ୍କଚୁଆରୀ ନେଚର ଫାଉଣ୍ଡେଶନ୍‌ର ବି ସଦସ୍ୟ ଅଟନ୍ତି। ସେ ପୃଥିବୀ ବଞ୍ଚାଅ ଅଭିଯାନକୁ ସକ୍ରିୟ ଭାବେ ସମର୍ଥନ କରନ୍ତି। ବିଭିନ୍ନ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମରେ ବି ଅଂଶ ଗ୍ରହଣ କରନ୍ତି। ଇକୋ ଫ୍ରେଣ୍ଡଲି ଫ୍ୟାଶନଠୁ ଆରମ୍ଭ କରି ସାରା ଦେଶରେ ବୃକ୍ଷରୋପଣ ଅଭିଯାନର ସେ ନେତୃତ୍ୱ ନେଇଛନ୍ତି। ସେ କହନ୍ତି, 'ଆମକୁ ଏବେଠାରୁ ଭାବିବାକୁ ହେବ ଯେ, ଆମେ ଆମର ପରପିଢି ପାଇଁ ପୃଥିବୀକୁ କେମିତି ଛାଡିବା। ଏକ ସୁସ୍ଥ ପରିବେଶ ଗଢିବା ଆଦୌ କଠିନ ନୁହେଁ। ନିଜ ଘରୁ ଏହାକୁ ଆରମ୍ଭ କରିପାରିବା। ଯେମିତିକି ପକ୍ଷୀ, ପ୍ରଜାପତି, ମହୁମାଛିଙ୍କୁ ଆକର୍ଷିତ କରିବା ଲାଗି ମୁଁ ମୋ ନିଜ ଘରକୁ ସବୁଜିମାଭରା କରାଇଛି। ପ୍ଲାଷ୍ଟିକ ପରିବର୍ତ୍ତେ କାଚ ଓ ଚିନାମାଟି ପାତ୍ର ବ୍ୟବହାର କରୁଛି। ଆଉ ସବୁଦିନର ଅଳିଆକୁ ଅଲଗା ଅଲଗା କରି ରଖେ।'



**ଆଲିଆ ଭଟ୍ଟ:** ପ୍ରକୃତି ଏବଂ ଜୀବଜଗତର ମହତ୍ୱ ଲୋକଙ୍କୁ ବୁଝାଇବା ପାଇଁ ଆଲିଆ 'କୋଏକ୍‌ଜିଷ୍ଟ' ନାମକ ଏକ ପଦକ୍ଷେପ ଆରମ୍ଭ କରିଥିଲେ। ସେ ପଶୁମାନଙ୍କୁ ପୋଷ୍ୟଭାବେ ଗ୍ରହଣ କରିବାର ଅଭିଯାନ ବି ଚଳାଇଛନ୍ତି। ଏହାବାଦ ଦ୍ରୁତ ଶିଳ୍ପାୟନ କିଭଳି ଜଳ ଜୀବଙ୍କୁ ପ୍ରଭାବିତ କରୁଛି ସେ ସମ୍ପର୍କରେ ପ୍ରଚାର ପ୍ରସାର ବି କରିଛନ୍ତି। ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ଲାଗି ସେ ସୋସିଆଲ ମିଡ଼ିଆରେ 'ବିଟ୍ ପ୍ଲାଷ୍ଟିକ ପଲ୍ୟୁଶନ୍' କ୍ୟାମ୍ପେନ ମଧ୍ୟ ଆରମ୍ଭ କରିଥିଲେ। ଆଉ ନିଜେ ପ୍ଲାଷ୍ଟିକ ବୋତଲ ଓ ପ୍ଲାଷ୍ଟିକ ଜିନିଷ ବ୍ୟବହାର କରିବା ଛାଡିଥିଲେ।

**ପ୍ରିୟଙ୍କା ଚୋପ୍ରା:** ପ୍ରିୟଙ୍କା ଚୋପ୍ରା ୟୁନିସେଫ୍‌ର ଗ୍ଲୋବାଲ ଆମ୍ବାସାଡର ଥିଲେ। ନିଯୁକ୍ତି ପରଠାରୁ ସେ ଏକାଧିକ ସାମାଜିକ କାର୍ଯ୍ୟରେ ସାମିଲ ହୋଇଥିଲେ। ତା'ସହ ସେ ସମୟରେ ସେ ଆଗାମୀ ପିଢ଼ିକୁ କିଭଳି ଏକ ସୁସ୍ଥ ପରିବେଶ ଭେଟି ଦେଇହେବ ସେ ନେଇ ଅନେକ ପଦକ୍ଷେପ ନେଇଥିଲେ। ପ୍ରିୟଙ୍କା ଅନେକ ପରିବେଶ ଅଭିଯାନକୁ ମଧ୍ୟ ସମର୍ଥନ କରିଆସୁଛନ୍ତି। 'ଗ୍ରୀନ୍‌ଥନ' ନାମକ ଏକ ଅଭିଯାନର ମଧ୍ୟ ସେ ଅଂଶ ଥିଲେ; ଯାହାର ଲକ୍ଷ୍ୟ ଥିଲା ଯଦି ଆଜିଠୁ ପରିବେଶ ଅନୁକୂଳ କରିବା ଲାଗି ବିଭିନ୍ନ ଅଭ୍ୟାସ ଆପଣେଇବା, ତେବେ ଆସନ୍ତାକାଲି ପାଇଁ ଏକ ସୁସ୍ଥ ସୁନ୍ଦର ପରିବେଶ ସୃଷ୍ଟି କରିହେବ ।

**ଜନ୍ ଆବ୍ରାହମ୍:** ପରଦାରେ ସମସ୍ତେ ତାଙ୍କର ମାଚୋ ଓ ରୋମାଣ୍ଟିକ ଇମେଜ ଦେଖିଛନ୍ତି। ତେବେ ଏହି ଇମେଜ୍ ବାଦ୍ ଜନ ଆବ୍ରାହମ ଜଣେ ପରିବେଶ ପ୍ରେମୀ ମଧ୍ୟ। ଆଉ ସେ ପେଟ୍ ଲଭର୍ ବି । ସେ ବିଭିନ୍ନ ସମୟରେ କହି ଆସିଛନ୍ତି ପ୍ରାଣୀଙ୍କୁ ପୋଷ୍ୟଭାବେ ଗ୍ରହଣ କରିବାକୁ। ସେ ପାୱାର ଲାଇଟ୍ ଏ ଭିଲେଜ୍ କ୍ୟାମ୍ପେନରେ ବି ସାମିଲ ହୋଇଛନ୍ତି; ଯାହା ସାହାଯ୍ୟରେ ଭାରତର ବିଭିନ୍ନ ଗ୍ରାମକୁ ସୌରଶକ୍ତି ପହଞ୍ଚିପାରିବ।

**ଅଜୟ ଦେବଗନ୍:** ଅଜୟ ଦେବଗନ ଅନେକ ପରିବେଶ ଅନୁକୂଳ କାର୍ଯ୍ୟ ବେଶ୍ ନୀରବଭାବେ କରିଆସୁଛନ୍ତି। ଗୁଜରାଟର ପାଟନ ଜିଲ୍ଲାରେ ସେ ଏକ ସୌରଶକ୍ତି କେନ୍ଦ୍ର ସ୍ଥାପନ କରିବାରେ ସାହାଯ୍ୟ କରିଥିଲେ। ଏହାସହ ରାଜସ୍ଥାନରେ ବି ଏହିଭଳି ଏକ ସମାନ ପ୍ରକଳ୍ପ ଆରମ୍ଭ କରିବାକୁ ସଙ୍କେତ ଦେଇଛନ୍ତି।


**ନନ୍ଦିତା ଦାସ :** ନନ୍ଦିତା ଦାସ ସବୁବେଳେ ଜଳ ସଂରକ୍ଷଣ ନେଇ ସଚେତନତା ସୃଷ୍ଟି କରି ଆସିଛନ୍ତି। ଏଥିପାଇଁ ସେ ବିଜ୍ଞାନ ଏବଂ ପରିବେଶ କେନ୍ଦ୍ର ସହିତ ମଧ୍ୟ ହାତ ମିଶାଇଥିଲେ। ଆଜିର ବେପରୁଆ ବ୍ୟବହାର ଆସନ୍ତାକାଲି ପାଇଁ ସଙ୍କଟ ସୃଷ୍ଟି କରିପାରେ ବୋଲି ସେ କହନ୍ତି।

**ରଣଦୀପ ହୁଡା :** ବଳିଷ୍ଠ ଅଭିନୟ ପାଇଁ ବେଶ୍ ପରିଚିତ ରଣଦୀପ ହୁଡା ବନ୍ୟଜନ୍ତୁ ସଂରକ୍ଷଣ ପ୍ରତି ମଧ୍ୟ ସମାନ ଭାବରେ ଆଗ୍ରହୀ। ବିଭିନ୍ନ ଅର୍ଗାନାଇଜେସନ୍‌ର ରାଷ୍ଟ୍ରଦୂତ ହେବା ସହ ୱାଇଲ୍ଡଲାଇଫ ଟ୍ରଷ୍ଟ ଅଫ ଇଣ୍ଡିଆର ରାଷ୍ଟ୍ରଦୂତ ରଣଦୀପ ବିଲୁପ୍ତପ୍ରାୟ ପ୍ରଜାତିର ପ୍ରାଣୀ ଓ ସେମାନଙ୍କ ବାସସ୍ଥାନର ସୁରକ୍ଷା ପାଇଁ ବିଭିନ୍ନ ଅଭିଯାନରେ ସକ୍ରିୟ ଭାବରେ ଜଡିତ ଅଛନ୍ତି।






# ଅପରାଜେୟ ବିରଜା




**କ**'ଣ ନୁହଁନ୍ତି ସେ ? ଚିତ୍ରରେ, ସାମ୍ବାଦିକତାରେ, ସାଂଗଠନିକ କାର୍ଯ୍ୟରେ, ପ୍ରଶାସନିକ ସେବାରେ, ସାହିତ୍ୟରେ ତାଙ୍କର ଦକ୍ଷତା ସମସ୍ତେ ଜାଣନ୍ତି, ଦେଖନ୍ତି ଏବଂ ସମ୍ମାନର ସହ ତାଙ୍କ ବ୍ୟକ୍ତିତ୍ୱର ଉଜ୍ଜ୍ୱଳତାକୁ ଆଦର ଓ ପ୍ରଶଂସା କରନ୍ତି। ଅଳ୍ପ ଅପ୍ରାପ୍ତି , ଛୋଟ ଛୋଟ ଦୁଃଖରେ ଅବସାଦଗ୍ରସ୍ତ ହୋଇ ପଡୁଥିବା ମଣିଷଙ୍କ ପାଇଁ ତାଙ୍କର ଜୀବନ ହିଁ ଜିଇଁ ଯିବା ପାଇଁ ଦୃଢ଼ ସନ୍ଦେଶ ଅଥଚ ତାଙ୍କ ଜୀବନ ଦୁର୍ଭାଗ୍ୟର ଦାନ୍ତରେ ଚୁରି ହୋଇ ଯାଇଥିବା ଏକ ମର୍ମଦାହୀ ଉଦାହରଣ। ସମସ୍ୟାର ମରୁଭୂମିରେ ଠିଆ ହୋଇ ସେ ହିଁ ଲେଖିପାରନ୍ତି, ''ମୁହଁରେ ଚେନାଏ ହସ ନିମିତ୍ତ କୋଠାବାଡ଼ି, ଟଙ୍କା ପଇସା, ସାମାଜିକ ସମ୍ମାନର ତୋରଣ ସବୁ ମୂଲ୍ୟହୀନ । ହସି ଜାଣିଲେ ଜୀବନକୁ ପୂର୍ଣ୍ଣ କରିହୁଏ। ସେଠି ଶୂନ୍ୟତାର ପ୍ରଶ୍ନ ନଥାଏ । ଅଭାବର ଆବେଶ ନଥାଏ ।'' ଶୂନ୍ୟତାକୁ ଅନୁଭବ କରି ନୂତନତ୍ୱର ସ୍ପର୍ଶରେ ପୂର୍ଣ୍ଣ କରିବାକୁ ଆଗଭର ହୁଅନ୍ତି ସେ । ପାରମ୍ପରିକତାର ନିଗଡ଼ ଭାଙ୍ଗି ସୃଜନଶୀଳ ସ୍ପନ୍ଦନରେ ସ୍ପନ୍ଦିତ କରେଇ ପାରନ୍ତି ''ପୁନର୍ବାସ'' ଭଳି ଜୀବନଦାୟୀ ଅନୁଷ୍ଠାନ । କେନ୍ଦ୍ରାପଡାରେ ଆୟୋଜନ କରନ୍ତି ପୁସ୍ତକ ମେଳା, ଚିତ୍ର ଓ ଫଟୋଗ୍ରାଫି ପ୍ରଦର୍ଶନୀ। ସହଯୋଗୀ ହୋଇ ସଫଳ କରିବାରେ ଲାଗିପଡ଼ନ୍ତି କେନ୍ଦ୍ରାପଡ଼ା ଲିଟରେଚର ଫେଷ୍ଟିଭାଲ ଭଳି ବଡ଼ ବଡ଼ ସର୍ଜନାର କାର୍ଯ୍ୟକ୍ରମମାନ । ସେ ହେଉଛନ୍ତି **ବିରଜା ରାଉତରାୟ,** ଯାହାଙ୍କ ଜନ୍ମ ୨୦ ଜୁନ ୧୯୭୩ ମସିହାରେ। ପିତା ଶ୍ରୀଧର ରାଉତରାୟ, ମାତା ପଦ୍ମା ରାଉତରାୟଙ୍କ ସୁପୁତ୍ର ବିରଜାଙ୍କ ପାଇଁ ଜନ୍ମମାଟି କେନ୍ଦ୍ରାପଡା ଜିଲ୍ଲାର ମାଧପୁର ଗ୍ରାମ ଗର୍ବ କରେ। ଶିକ୍ଷାରେ ଏମ୍ ଏ, ପିଏଚଡି, ସ୍ନାତକ(ଆଇନ), ସାମ୍ବାଦିକତା ଓ ଗଣଯୋଗାଯୋଗ ପାଠ୍ୟକ୍ରମରେ ପିଜି ଡିପ୍ଲୋମା, ଚିତ୍ରକଳାରେ ଡିପ୍ଲୋମା ଭଳି ଡିଗ୍ରୀ ଅର୍ଜନ କରିଛନ୍ତି ମେଧାବୀ ବିରଜା ରାଉତରାୟ ଆପଣା ଅଧ୍ୟବସାୟରେ । ପ୍ରକୃତି ଦ୍ୱାରା ପ୍ରେରିତ ହୋଇ ଚିତ୍ରକର ହେବାକୁ ଇଚ୍ଛା ଥିଲା ପିଲାବେଳୁ । ଆଙ୍କିଛନ୍ତି ଗଦା ଗଦା ସ୍କେଚ୍ । କେନ୍ଦ୍ରାପଡାରୁ ବିରଜାଙ୍କ ଚେଷ୍ଟାରେ ଆତ୍ମପ୍ରକାଶ କରୁଥିବା ପ୍ରଥମ ହାତଲେଖା ପତ୍ରିକା ''ଅଙ୍କୁର'' ହେଉ କି ସହସମ୍ପାଦକ ହିସାବରେ ''ବିଶ୍ୱମୁକ୍ତି'' ପତ୍ରିକାରେ ଅଳଙ୍କରଣ କାର୍ଯ୍ୟଟି ହେଉ ସୁଚାରୁ ରୂପେ ସମ୍ପାଦନ କରିଛନ୍ତି ସେ । ଓଡିଶା ପ୍ରଶାସନିକ ଅଧିକାରୀ ବାପା ଶ୍ରୀଧର ଜଣେ ସ୍ନେହୀ, ସଂସ୍କୃତିପ୍ରେମୀ ମଣିଷ। ମନପବନ, ଜହ୍ନମାମୁଁ, ଶିଶୁଲେଖା, ମୀନାବଜାର, ଚିତ୍ରକଥା ଆଣି ପିଲାଙ୍କୁ ଦେବା ଭିତରେ ସିନେମା , ଚିତ୍ର ଏବଂ ସାହିତ୍ୟ ପ୍ରତି ରୁଚି ବଢିଥିଲା ବିରଜାଙ୍କର । ଚିତ୍ରରେ ସମୟ ହେଲାନି ବୋଲି ଫଟୋଗ୍ରାଫି ଆଡକୁ ମନ ବଳାଇଲେ । ସମୟ କରି ପ୍ରକୃତିର ଓ ଐତିହ୍ୟର ଚିତ୍ର ଉତ୍ତୋଳନ କଲେ । ହେଲେ ମଧ୍ୟବର୍ଗର ଅଭିଳାଷକୁ ଡେଇଁ ଚିତ୍ର କି ଫଟୋଗ୍ରାଫିକୁ କ୍ୟାରିଅର କରିବାକୁ ସାହସ ଜୁଟେଇ ପାରି ନ ଥିଲେ ସେତେବେଳେ। ଯଦିଓ ଚିତ୍ର ଓ ଫଟୋଗ୍ରାଫିରେ ରାଜ୍ୟସ୍ତରୀୟ ଓ ଜାତୀୟ ସ୍ତରୀୟ ଗୁଡାଏ ପ୍ରସିଦ୍ଧି ଅର୍ଜନ କରିସାରିଥିଲେ ସେ।

୧୯୯୬ରୁ ୧୮୯୮ ମସିହା ଉତ୍କଳ ବିଶ୍ୱବିଦ୍ୟାଳୟରେ ଇୟୁଜିସି ରିସର୍ଚ୍ଚ ଫେଲୋସିପ ପାଇଥିବା ବିରଜା ୧୯୯୯ ମସିହା ମାର୍ଚ୍ଚ ମାସରେ ଓଡିଶା ସିଭିଲ ସର୍ଭିସରେ ଯୋଗଦାନ କରି ପରିବାର ପାଇଁ ହସଖୁସିର ବାତାବରଣ ଆଣି ଦେଇଥିଲେ। ଜଣେ ତରୁଣ ଓଡ଼ିଆ ପ୍ରଶାସନିକ ଅଧିକାରୀ ଭାବେ ତାଙ୍କ ଆଖିରେ ଥିଲା ଅକଳନ୍ତି ସ୍ୱପ୍ନ। ଉଭୟ ବୃତ୍ତି ଓ ପ୍ରବୃତ୍ତି କ୍ଷେତ୍ରରେ ଆତଯାତ ବିରଜା ବିବାହ କଲେ ସର୍ବଗୁଣସମ୍ପନ୍ନା ବନସ୍ମିତା ନାୟକଙ୍କୁ, ଯିଏ ପ୍ରକୃତ ଅର୍ଥରେ ଥିଲେ ବିରଜାଙ୍କ ସହଯାତ୍ରିଣୀ। ପରିବାର, ସାହିତ୍ୟ ଓ ପ୍ରଶାସନର ତ୍ରିକୋଣ ଭୂମିରେ ବିରଜା ଉପୁଜାଉଥିଲେ ଜୀବନର ଫସଲ। ବିବାହର ଛଅ ମାସ ନପୁରୁଣୁ ସାମ୍ନା କଲେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ବିରଜା କୁହନ୍ତି, 'ସେତେବେଳେ ମସ୍ତିଷ୍କରେ ଆଘାତ ପାଇ ବାପା ଥିଲେ ବିଛଣାରେ– ଘରେ । ସେବାରେ ଥିଲେ ମାଆ ଓ ପତ୍ନୀ ବନସ୍ମିତା। କଳିଙ୍ଗ ହସ୍ପିଟାଲରେ ଦୁଇ ମାସ ରହି ଓଲଟପୁର ଚିକିତ୍ସାକେନ୍ଦ୍ରରେ ଭର୍ତ୍ତି ହେବା ପର୍ଯ୍ୟନ୍ତ ବିରଜା ଜାଣି ହିଁ ନ ଥିଲେ କେତେ ବେଶି କ୍ଷତିଗ୍ରସ୍ତ ହୋଇଛି ତାଙ୍କ ଶରୀର। ମୃତ୍ୟୁ ଠାରୁ ଆହୁରି ଭୟାନକ, ଦୁର୍ବିସହ ସମୟ ସେ କାଟିଛନ୍ତି ଓଲଟପୁରରେ ଏକା ଏକା। ଚଳତଶକ୍ତିହୀନ ଶରୀରର ଅସହାୟତା ଅତ୍ୟନ୍ତ ଭୟଙ୍କର ଭାବରେ ଭୋଗୁଥିଲା ମସ୍ତିଷ୍କ । ମେରୁଦଣ୍ଡରେ ଆଘାତ ପାଇ ବେକଠାରୁ ପାଦ ପର୍ଯ୍ୟନ୍ତ ଅଚଳ ହୋଇ ଯାଇଥିବା ବିରଜାଙ୍କ ଜୀବନକୁ ଦୁର୍ଭାଗ୍ୟର ମୂର୍ତ୍ତିମନ୍ତ ରୂପ ହେବାକୁ ଦେଲେ ନାହିଁ ବଡ଼ ଭାଇ ଅରବିନ୍ଦ ରାଉତରାୟ ଓ ଧର୍ମପତ୍ନୀ ବନସ୍ମିତା ନାୟକ । ନିଜ ନିଜ ଦାୟିତ୍ୱକୁ ଶତ ପ୍ରତିଶତ ନିର୍ବାହ କରି ମାନସିକ ଓ ସାମାଜିକ ସ୍ତରରେ ଦୃଢ଼ ହୋଇ ଠିଆ ହେଲେ ଉଭୟେ ବିରଜାଙ୍କ ପାଖରେ। 'କିଛି ନାହିଁ'କୁ ଅତିକ୍ରମ କରି 'କ'ଣ ଅଛି'ର ଉପଲବ୍ଧିରେ ବିଶ୍ୱାସ କଲେ କ୍ୱାଡ୍ରିପ୍ଲେଜିଆରେ ଗୁରୁତରଭାବେ ଆକ୍ରାନ୍ତ ବିରଜା। ଦମ୍ଭ ଓ ସାମର୍ଥ୍ୟ ହୋଇଥିଲେ ବନସ୍ମିତା। ଯିଏ ବିରଜାଙ୍କ ଶାରୀରିକ ଯତ୍ନ ନେବା ସହ ତାଙ୍କ ସର୍ଜନା ଜଗତକୁ ସମ୍ଭାଳିନେଲେ। ବିରଜା ସ୍ୱୀକାର କରନ୍ତି ବିରଜା ରାଉତରାୟଙ୍କ ବର୍ତ୍ତମାନର ଜୀବନ ବନସ୍ମିତାଙ୍କ ସେବା ଓ ପ୍ରେମର ଅବଦାନ। ବଡ଼ ଭାଇ ଅରବିନ୍ଦ ରାଉତରାୟ ଥିଲେ ଆନୁଷ୍ଠାନିକ, ଆତ୍ମିକ ଓ ଆର୍ଥିକ ସମର୍ଥନ ହୋଇ । ଉଭୟଙ୍କ ସହଯୋଗ ଓ ସମର୍ଥନରେ ହୁଇଲ ଚେଆରରେ ଥାଇ ମଧ୍ୟ ବିରଜା ମାନସିକ ସ୍ତରରେ ହେଲେ ଦୃଢ଼, ସଳଖ ଓ ଦୁର୍ନିବାର ।



ଭିନ୍ନକ୍ଷମଙ୍କ ପାଇଁ ସରକାରୀ ସ୍ତରରେ ସ୍ୱତନ୍ତ୍ର ଆଇନ ଥିଲେ ହେଁ ବିରଜାଙ୍କ ଗୁରୁତର ଅସୁସ୍ଥତା ପାଇଁ ବ୍ୟବସ୍ଥା ସମ୍ବେଦନଶୀଳ ହୋଇପାରିନଥିଲା । ସୁତରାଂ ଏଗାର ବର୍ଷ ଚାକିରୀ ଥାଇ ସ୍ୱାସ୍ଥ୍ୟଗତ କାରଣରୁ ବିରଜା ସ୍ୱେଚ୍ଛାକୃତ ଅବସର ଗ୍ରହଣ କଲେ । ଦୁଃସ୍ଥିତି ତାଙ୍କ ଦେହ ଓ ମନର ଅମାପ କ୍ଷତି ଘଟାଇଥିଲେ ହେଁ ତାଙ୍କ ଅସ୍ତିତ୍ୱକୁ ଧ୍ୱଂସ କରି ପାରିନାହିଁ। ନିଃଶ୍ୱାସ ଭଳି ପାଖରେ ଥିବା ପ୍ରେରଣାଦାୟୀ ପତ୍ନୀଙ୍କ ମନୋବଳ ତାଙ୍କୁ ଆହୁରି ଦୃଢ଼ କରିଛି। ମୋବାଇଲ ଟେକ୍ନୋଲୋଜିର ସହାୟତା ଯୋଗୁ ତାଙ୍କ ଶକ୍ତିହୀନ ହାତ ସ୍କ୍ରିନ ଉପରେ ଶବ୍ଦ ବସେଇ ପାରୁଛି। ଜଣେ କବି, କଥାକାର, ପ୍ରାବନ୍ଧିକ, ଚିତ୍ରକର, ସାମ୍ବାଦିକ, ଫଟୋଗ୍ରାଫର, ସଙ୍ଗଠକ ଭାବେ ସେ ସମୟର ବେଳାଭୂମିରେ ଆଙ୍କି ଚାଲିଛନ୍ତି ସଫଳତାର ଅଗଣିତ ପାଦଚିହ୍ନ ।




ସମ୍ପ୍ରତି ଭିନ୍ନକ୍ଷମଙ୍କ ପାଇଁ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପୁନର୍ବାସ'ର ମୁଖ୍ୟ ଉପଦେଷ୍ଟା ରୂପେ ସେ ସକ୍ରିୟ। ତାଙ୍କ ଗଳ୍ପ ପୁସ୍ତକ 'ଗହଳି ଆରପଟେ' ,'ବହୁ ବଚନ' , 'ପ୍ରତିପକ୍ଷର ହସ','ବିଷମ ବାହୁ' 'ପୂର୍ଣ୍ଣ ଓ ଶୂନ୍ୟ' ,'ତାରାଭର୍ତ୍ତି ଆକାଶ', କବିତା ପୁସ୍ତକ 'କେମିତି ଭିଜାଏ ବର୍ଷା', ଆତ୍ମଦର୍ଶନ', 'ସନ୍ଧିକାଳ', 'ଅଭିଷେକ ହୃଦୟର', ପ୍ରବନ୍ଧ ପୁସ୍ତକ 'ସ୍ମୃତି ଓ ବିସ୍ମୃତି' ଆଦି ପ୍ରକାଶିତ ହୋଇ ପାଠକାଦୃତ ହୋଇପାରିଛି । ସାହିତ୍ୟରେ ତାଙ୍କ ଆଧ୍ୟାତ୍ମିକ ଅନ୍ୱେଷୋ, ଜୀବନ ପ୍ରତି ଅଙ୍ଗୀକାରବଦ୍ଧତା ଓ ମାନବୀୟ ସମ୍ବେଦନା ପ୍ରତିଫଳିତ। କବି ଭାବରେ ସେ ଅସ୍ତିତ୍ୱର ସ୍ପନ୍ଦନ ଫୁଟାଇଛନ୍ତି । ଜୀବନର ବାସ୍ତବତା ଫୁଟାଇବା ସହିତ ସଂଘର୍ଷ ଭିତରେ ଜୀବନର ସାର୍ଥକତା ସୂଚାଇଛନ୍ତି । କଥା ସାହିତ୍ୟ କ୍ଷେତ୍ରରେ ଜଣେ ଧାରା ପ୍ରବର୍ତ୍ତକ ଭାବରେ ବିରଜା ବହୁ ପଠିତ ଓ ଆଦୃତ । ବିରଜାଙ୍କ ସଚେତନ କାରିଗରୀ ତାଙ୍କ ସର୍ଜନକୁ ଦେଇଛି ବ୍ୟାପକ ଆଦୃତି। ତାଙ୍କ ପ୍ରତିଭା ପାଇଁ ତାଙ୍କୁ କଥା ନବପ୍ରତିଭା ପୁରସ୍କାର, ରବି ପଟ୍ଟନାୟକ ସ୍ମୃତି ଗଳ୍ପ ପୁରସ୍କାର, ଭୁବନେଶ୍ୱର ପୁସ୍ତକ ମେଳା ପୁରସ୍କାର, ଉତ୍କଳ ସାହିତ୍ୟ ସମାଜ ଯୁବ ପୁରସ୍କାର, ଜଗଦୀଶ ଯୁବ ସମ୍ମାନ, ଗୋକର୍ଣିକା ଗଳ୍ପ ସମ୍ମାନ, କହ୍ନେଇ କଥା ପୁରସ୍କାର ଇତ୍ୟାଦି ମାନସମ୍ମାନ ମିଳିଛି ।

ଏକକାଳୀନ ଏତେ କାମ କିପରି କରିପାରୁଛନ୍ତିର ଉତ୍ତରରେ ନମ୍ରତା ସହ ବିରଜା କୁହନ୍ତି,'କେନ୍ଦ୍ରାପଡାର ମାଟି , ପାଣି, ପବନ ଓ ସଂସ୍କୃତିରେ ମୁଁ ମିଶି ଯାଇଛି । କେନ୍ଦ୍ରାପଡାରେ କିଛି ବି ସାଂସ୍କୃତିକ, ସାଂଗଠନିକ କାର୍ଯ୍ୟ ଯେଉଁଥିରେ ମୋର ଦକ୍ଷତା ଅଛି ଆଉ ନିଶ୍ଚୟ ପାରିବି ଭାବି କଲାବେଳେ ମାଟିର ଋଣ ଶୁଝିଲା ଭଳି ଲାଗିଛି। କେନ୍ଦ୍ରାପଡାର ସାଂସ୍କୃତିକ ପଟଭୂମିରେ ସକ୍ରିୟ ଭାବେ କାମ କରୁଥିବା ବିରଜା ଅନୁଶୀଳନ ଓ ଗବେଷଣାଧର୍ମୀ ବାର୍ଷିକ ପତ୍ରିକା 'କେନ୍ଦ୍ରାପଡା ଏକ ବିହାଙ୍ଗାବଲୋକନ'ର ୫ଗୋଟି ସଂଖ୍ୟା ଓ 'କେନ୍ଦ୍ରାପଡା ପରିକ୍ରମା'ର ୧୫ ଗୋଟି ସଂଖ୍ୟାର ସମ୍ପାଦନା କରି କେନ୍ଦ୍ରାପଡ଼ା ମାଟି ପାଇଁ ପୁଅର କର୍ତ୍ତବ୍ୟ କରିଛନ୍ତି ।

– **ମାନମୟୀ ରଥ,** ସେଣ୍ଟ ଜାଭିୟର୍ସ କିଡ୍ସ, ବାଲିପୁଟ , ପୁରୀ
ମୋ: ୭୯୭୮୫୭୯୩୯୯









# ଦୁଇଟି ଏକପଦୀ

– ପବିତ୍ର ବ୍ରହ୍ମପୁତ୍ର ନାୟକ

### ଘର

**ଇ**ଟା ସିମେଣ୍ଟ ଗୋଡ଼ି ବାଲିରେ
ଗଢ଼ା ହୁଏ ଘର,
ଶହ ଶହ ଶ୍ରମିକ ହୁଅନ୍ତି ନିୟୋଜିତ
ଲୁହ ପିଇ ଲହୁ ଢ଼ାଳି
ଶ୍ରମ ବାଢ଼ି ଯଉ ଶ୍ରମିକ ଗଢନ୍ତି ଘର
ସେଇ ଘରେ ଦିନଟିଏ ଶୋଇବା ତାଙ୍କ
ଭାଗ୍ୟରେ ନଥାଏ ।

### କୂଅ

ଅଣ୍ଟାରେ ଗାମୁଛା ଭିଡ଼ି
ଯଉ ଲୋକଟି
ଝାଳରେ ଗାଧେଇ ପଡ଼େ
କୂଅ ଖୋଳୁଥିବା ବେଳେ
ସେଇ ଲୋକଟି ଭାଗ୍ୟରେ ନଥାଏ
ସେଇ କୂଅର ମୁନ୍ଦାଏ ପାଣି ।

*– ରାଜନଗର, କେନ୍ଦ୍ରାପଡ଼ା*
*ମୋ: ୯୪୩୭୭୯୪୦୦୦*

# ଆବର୍ତ୍ତ

**–ଲକ୍ଷ୍ମଣ କୁମାର**

**ସ୍ୱ**ପ୍ନ ପଛରେ ମୁଁ ଧାଉଁଥାଏ ଅନବରତ । ଖୁବ ଦୂରରେ ଥାଉ ତୁ । କେଉଁ ଦିଗନ୍ତରେ । ସୋରାଏ ଆଲୁଅ ହୋଇ । ମୁଠାଏ ସୁଗନ୍ଧ ହୋଇ । କେବେ କେବେ ପାହାନ୍ତିଆ ତାରାର ଉଜ୍ଜ୍ୱଳତା ହୋଇ ।

ସ୍ୱପ୍ନ ପଛରେ ଧାଇଁବା ଅର୍ଥ ତୋ ଆଡ଼କୁ ଅଗ୍ରସର ହେବା, ତୁ ଯେତେ ଅପହଂଚ ହେଲେ ବି । ତୁ ତ ମହାବ୍ୟୋମର ପ୍ରଣବ ଧ୍ୱନି, ଯାହା ମୋର ପ୍ରତିଟି ହୃଦସ୍ପନ୍ଦନ ସହିତ, ମୋର ପ୍ରତିଟି ନିଶ୍ୱାସ ପ୍ରଶ୍ୱାସର ସ୍ୱର ସହିତ ଏକାକାର ହୋଇ ମିଶିଯାଏ ଗୋଟିଏ ବିନ୍ଦୁରେ । ଆଉ ସେ ବିନ୍ଦୁରେ ଥାଏ ମହାସିନ୍ଧୁର ପ୍ରତିଫଳନ ।

: କେବେଠାରୁ ତୁମେ ମୋତେ ଅନୁଧାବନ କରୁଛ ? ତୋ ପ୍ରଶ୍ନର ମୁଁ ଉତ୍ତର ଦେଲି : ଅନନ୍ତ କାଳରୁ । ଯେବେ ମୁଁ ମାଟି, ପାଣି, ପବନ, ଆଲୁଅ ଓ ଆକାଶରେ ମିଶିରହିଥିଲି ।

: ଆଛା କହିଲ, ପତଂଗ କାହିଁକି ଜଳିବାକୁ ଭଲପାଏ ? ପୁନଶ୍ଚ ତୋର ପ୍ରଶ୍ନ ।

: ମୁଁ ଜାଣେନା । କିନ୍ତୁ ଜଳିଯିବାରେ ତାର ଆତ୍ମତୃପ୍ତି । ସେ ଦୀପଶିଖା ଆଡ଼କୁ ପ୍ରଧାବିତ ହୁଏ । ସେ ଆଲୁଅ ଆଡ଼କୁ ଯାଏ । ତାର ଜନ୍ମ ହିଁ ଅଂଧାରରୁ ଆଲୁଅ ଆଡ଼କୁ ଯିବା ।

: ହଁ, ଠିକ୍ ଯେ, ତୁମେ ସେ ପତଂଗ ପରି ଆଉ ମୋ ଆଡ଼କୁ ଆସନା । ତୁମେ ତୁମ ରାସ୍ତା ଦେଖ ।

ଏହା କେମିତି ସଂଭବ ? ତତେ ବାଦ ଦେଇ ମୋ ରାସ୍ତା କାହିଁ ? କେଉଁ ଦୂର ଜନପଦରେ, କେଉଁ ଅଗଣାରେ ଦିକ୍ ଦିକ୍ ଜଳୁଥିବା ଗୋଟେ ସଂଜଦୀପ ତୁ । ମନେହୁଏ ଯେପରି କୌଣସି ନକ୍ଷତ୍ରର ପ୍ରତିବିମ୍ବ । ମନେହୁଏ ଯେପରି, ଦୂର ଛାୟାପଥଟି ତୋ ଘରକୁ ଯାଇଥିବା ନିର୍ଜନ ରାସ୍ତାଟେ । କେବେ କେବେ ଅନେକ ଅଂଧାର ଟପି ମୁଁ ଛାୟାପଥରେ ବାଟ ଚାଲୁଥାଏ । ଶେଷହୀନ ପଥ ଓ ମୁଁ ତାର ଶେଷହୀନ ପଥିକ । ଏହା ହିଁ ଚିରନ୍ତନ ସତ୍ୟ । ତୋ ସହିତ ଦେଖା ହେଉଥାଏ ସହସ୍ର ସହସ୍ର ରୂପ ଓ ରଂଗରେ ।

ରାତିର ଶେଷ ପ୍ରହରରେ ମୁଁ ରୁମରୁ ବାହାରି ଆସି ଅଗଣାରେ ଛିଡ଼ା ହୁଏ । ଖୁବ୍ ଦୂରରେ ଏକଲା ଛିଡ଼ା ହୋଇଥାଏ ଖଜୁରୀ ଗଛଟି । ବୁଡ଼ିଯାଉଥିବା ଜହ୍ନର କିରଣରେ ତାର ଛାଇ ଲମ୍ବିଯାଉଥାଏ ଦିଗନ୍ତ ଆଡ଼କୁ । ଆକାଶକୁ ମୁଁ ଚାହିଁ ଦେଖେ ତ ସାରା ଆକାଶ ମନେହୁଏ ଯେମିତି ଗଙ୍ଗଶିଉଳି ଗଛଟେ । ତାରା ସବୁ ଫୁଲ ହୋଇ ଫୁଟିଥାନ୍ତି ସେ ଗଛରେ । ସକାଳକୁ ଝରିପଡ଼ନ୍ତି ଫୁଲ ସବୁ । ପୁନଶ୍ଚ ଫୁଲ ଫୁଟେ ପରବର୍ତ୍ତୀ ସଂଜରେ ଫୁଲ ପରି କୌଣସି ନାକ୍ଷତ୍ରିକ ପରିମଣ୍ଡଳରେ ଆମର ସାକ୍ଷାତ୍ । ଯାତ୍ରା ପଥରେ କେତେ ନକ୍ଷତ୍ର, କେତେ ନିହାରିକା, କେତେ ସୌରଜଗତର ପାନ୍ଥଶାଳା । ଏମିତି ଅମେ ପରସ୍ପରକୁ ଅନୁଧାବନ କରୁଥିବା ଆଲୁଅ ହୋଇ, ପବନ ହୋଇ ଅନନ୍ତ କାଳ ।

*–'ଦିଗବଳୟ'*
*ଲେଣ୍ଡା, ବରପାଲି, ବରଗଡ଼*
*ମୋ: ୯୪୩୯୦୪୦୯୩୭*

# ଉଦାର ଅନ୍ଧାର

**–ଭବାନୀ ପଟ୍ଟଯୋଷୀ**

**ସ୍ପ**ନ୍ଦନରେ ତୁମେ ରହିଛ ବୋଲିତ
ଧଡ଼କୁଛି ଛାତି ମୋର,
ଶିରାରେ ଶିରାରେ ରକତ ବୋହୁଛି
ଲମ୍ବିଛି ଜୀବନ ଡୋର ।

ଆଖି ଭରିକରି ତୁମକୁ ଦେଖିବା
ପାଇଁ କହିଥିଲ ତୁମେ,
ତୁମ ଦେଖା ସିନା ମିଳୁନାହିଁ ଏବେ
ଆଖି ଭରିଅଛି ମୋର ।

କାହାର ସହିତ ନିଜକୁ ଯୋଡିବା
ନିହାତି ସହଜ ହେଲେ,
କାହାକୁ ନିଜର ସହିତ ଯୋଡିବା
କାମଟି କଠିଣ ଘୋର ।

ଠୋକର ଦେଇଛି ବୋଲି ଏ ଜୀବନ
ଶିଖିଛି ସହିବା କଳା,
ଚାଲି ନପାରିଲେ ନାହିଁ, ସମ୍ଭାଳିବା
ଶକତି ବଢିଛି ମୋର ।

ତୁମକୁ ଭୁଲିବା ଯେତେକ କାରଣ
ସବୁ ଅକାରଣ ଏବେ,
ମୋ ଛାଇ ଚୋରଣୀ ଆଲୁଅ ଟିକିଏ
ପ୍ରିୟ ଉଦାର ଅନ୍ଧାର ।

–ବ୍ରହ୍ମପୁର, ୯୪୩୭୩୪୪୮୩୭



# ଭିକି ହିଁ ବେଷ୍ଟ


ଭିକି

ଗତ କିଛି ବର୍ଷ ହେଲା ରୋହିତ ସେଟ୍ଟିଙ୍କ ନିର୍ଦ୍ଦେଶିତ ସିନେମାଗୁଡିକ ବକ୍ସ ଅଫିସରେ ଭଲ ବିଜନେସ୍ କରୁଛି। ଅନ୍ୟପକ୍ଷରେ ସେ କେତେକ ଫିଲ୍ମର ସହ ପ୍ରଯୋଜନା କରିବା ସହ ନିର୍ଦ୍ଦେଶନା ଦେବା ଜାରି ରଖିଛନ୍ତି। ନିକଟରେ ଏକ ଚରିତ୍ର ପାଇଁ ସେ ଜଣେ ଆକ୍ସନ ଷ୍ଟାର ଖୋଜୁଥିଲେ। ଆଶା କରାଯାଉଥିଲା, 'ସିଙ୍ଘମ ଏଗେନ୍' ପରେ ସେ ପୁଣି ଥରେ ଆକ୍ସନ ଷ୍ଟାର ଅଜୟ ଦେବଗନଙ୍କୁ ରିପିଟ୍ କରିବେ। ହେଲେ ଏଭଳି କଳ୍ପନା ଜଳ୍ପନାରେ ସେ ବ୍ରେକ୍ ଦେଇଛନ୍ତି। ନିକଟରେ ସେ ନିଜ ଆଗାମୀ ଫିଲ୍ମ ବିଷୟରେ କହିଛନ୍ତି, କେବଳ ଯେ ଅଜୟ ମୋ ଫିଲ୍ମରେ ଆକ୍ସନ ରୋଲ୍ କରିବେ ତାହା ଭାବିବା ଠିକ୍ ନୁହେଁ। ଏବେ ମୁଁ ଆଉ ଜଣେ ଅଭିନେତାଙ୍କୁ ଆକ୍ସନ ଭୂମିକାରେ ଆଣିବାକୁ ଚିନ୍ତା କରୁଛି। ତାଙ୍କର ସିନେମାଗୁଡିକ ଦେଖିବା ପରେ ମୋର ହୃଦ୍‌ବୋଧ ହୋଇଛି ଯେ, ସେ ବି ଆକ୍ସନ ରୋଲ୍‌କୁ ନିଖୁଣ ଭାବରେ ତୁଲାଇ ପାରିବେ। ସେ ହେଉଛନ୍ତି ଭିକି କୌଶଲ। ମତେ ଲାଗୁଛି ମୁଁ ଯେଉଁ କାହାଣୀଟି ଚିନ୍ତା କରିଛି ତାହାର ମୁଖ୍ୟ ଚରିତ୍ର ପାଇଁ ସେ ହିଁ ଫିଟ୍। ଏ ନେଇ ଖାଲି ମୁଁ ଭାବିଲେ ତ ହେବ ନାହିଁ, ଯଦି ତାଙ୍କୁ ଅଫର ଦିଆଯାଏ ତେବେ ତାଙ୍କ ପାଖରେ ସମୟ ଥିଲେ ହେଲା।' ଯଦିଓ ଏ ନେଇ ରୋହିତ କେବଳ ପ୍ରାକ୍ ସୂଚନା ଦେଇଛନ୍ତି ତେଣୁ ଏହା ଉପରେ ଅଧିକ କିଛି ମନ୍ତବ୍ୟ ଦେବା ଠିକ୍ ହେବ ନାହିଁ ବୋଲି କହିଛନ୍ତି ଭିକି।

# ଖୋଜୁଛନ୍ତି ଦିଶା

ଦିଶା ପଟାନି ଏବେ ଗୋଟିଏ କଥାକୁ ବେଶି ଗୁରୁତ୍ୱ ଦେଉଛନ୍ତି। ତାହା ହେଉଛି କୌଣସି ଫିଲ୍ମ ସାଇନ କରିବା ପୂର୍ବରୁ ସେ ଗୋଟିଏ କଥାକୁ ଅଧିକ ଧ୍ୟାନ ଦେବେ। ସେ କଥାଟି କ'ଣ ସେ ସମ୍ପର୍କରେ ଦିଶା କହନ୍ତି, 'ମୁଁ ଏଣିକି ଦେଖି ଚାହିଁ ଆଗେଇବି। ଭଲ କାହାଣୀ ଓ ଭଲ ଚରିତ୍ର ଦେଖି ଚଳଚ୍ଚିତ୍ର ଚୟନ କରିବି। ତେଣିକି ବର୍ଷକୁ ଗୋଟିଏ ଦୁଇଟି ସିନେମା ମିଳିଲେ ବି ମନ ଦୁଃଖ ନାହିଁ। ଗୁଡାଏ ଫିଲ୍ମରେ ଅଭିନୟ କରି ସଂଖ୍ୟା ବଢ଼ାଇଲେ ଲାଭ କ'ଣ ? ଏଣିକି ମୋର ଏହି ନୂଆ ଯୋଜନା କିପରି ସଫଳ ହେବ ସେନେଇ ଗୁରୁତ୍ୱ ଦେବି।' ଦିଶା ସିନେ ଏଭଳି ଚିନ୍ତା କରିଛନ୍ତି, ହେଲେ ତାଙ୍କୁ ମନ ମୁତାବକ ଭୂମିକା ମିଳିଲେ ହେଲା। ଏବେ ନିଜ ଯୋଜନାରେ ସେ କେତେ ସକ୍‌ସେସ୍ ହେଉଛନ୍ତି ତାହା ଆଗାମୀ ଦିନରେ ଜଣାପଡିବ।


ଦିଶା

# ଶ୍ରଦ୍ଧାଙ୍କ ହ୍ୟାଟ୍ରିକ

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢ଼ାଳିବା। ଦେଖୁନାହାନ୍ତି 'ସ୍ତ୍ରୀ-୨'ର ବଡ଼ ସଫଳତା ପରେ ତାଙ୍କୁ କେମିତି ଅଫର ପରେ ଅଫର ଚାଲିଛି। ଏଠାରେ କାହା ବିଷୟରେ ସୂଚନା ଦିଆଯାଉଛି ଅନେକେ ଅନୁମାନ କରିସାରିବେଣି। ସେ ହେଲେ ଶ୍ରଦ୍ଧା କପୁର। ଏବେ ତାଙ୍କ ହାତରେ ଏକାଥରେ ତିନୋଟି ସିନେମା। ଏକ ନୂଆ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଥିବା ସିରିଜ୍ ତିନୋଟି ଫିଲ୍ମରେ ସେ ଅଭିନୟ କରିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ଯେହେତୁ ଏଗୁଡିକର ପ୍ରାରମ୍ଭିକ କାମ ଚାଲିଛି ତେଣୁ ପ୍ରଯୋଜନା ସଂସ୍ଥା ପକ୍ଷରୁ ଟାଇଟଲ ଘୋଷଣା କରାଯାଇନାହିଁ। ଆସନ୍ତା ମାସ ପ୍ରଥମ ସପ୍ତାହରେ ଏକ ଶୁଭଦିନ ଦେଖି ଏହି କାମ ସମାପନ କରାଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏପରି ସୁଯୋଗ ସମ୍ପର୍କରେ ଶ୍ରଦ୍ଧା କହନ୍ତି, ' ଏହି ତିନୋଟି ଫିଲ୍ମର କାହାଣୀ କେହି କାହାକୁ କମ୍ ନୁହେଁ ଏବଂ ସବୁ କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ତା'ସହ ସେଗୁଡିକରେ ମୋ ଭୂମିକା କୌଣସି ଗୁଣରେ ମଧ୍ୟ କମ୍ ନୁହେଁ। ତେଣୁ ପ୍ରଯୋଜକଙ୍କର ତିନୋଟି ଅଫରକୁ ମୁଁ ଗ୍ରହଣ କରିଛି।' ଅନ୍ୟପକ୍ଷରେ ଏବେ ଯଶରାଜ ଫିଲ୍ମସ ବ୍ୟାନରରେ ନିର୍ମିତ ହେବାକୁ ଯାଉଥିବା 'ଧୂମ-୪'ରେ ବି ସେ ନାୟିକା ସାଜିବାର ଯୋଜନା ରହିଛି।


ଶ୍ରଦ୍ଧା

# ଭଲ ସୁଯୋଗକୁ ଅପେକ୍ଷା

ଇତି ମଧ୍ୟରେ ସେ ଦୁଇଟି ଓଡ଼ିଆ ସିନେମା-'ମିତାଲି ଅପା' ଏବଂ 'ସମୟ କହିବ କିଏ କାହାର'ରେ ଅଭିନୟ କରିସାରିଛନ୍ତି। ଖାସ୍ କଥା ହେଲା, ଏବେ ତାଙ୍କୁ ତେଲୁଗୁ ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳିଛି, ଯେଉଁଥି ପାଇଁ ତାଙ୍କର ଖୁସି କହିଲେ ନ ସରେ। ସେ ହେଉଛନ୍ତି ଓଡ଼ିଆ ଝିଅ ସୋନମ ଦାଶ। ଏଭଳି ସୁଯୋଗ ବିଷୟରେ ସେ କହନ୍ତି, 'ନିକଟରେ ମୋତେ ଏକ ତେଲୁଗୁ ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳିଛି। ଯେହେତୁ କଥାବାର୍ତ୍ତା ଚାଲିଛି ତେଣୁ ସେ ନେଇ ସବିଶେଷ ତଥ୍ୟ ଦେବା ଠିକ୍ ହେବ ନାହିଁ। ମୁଁ ସବୁବେଳେ ଭଲ ସୁଯୋଗ ଅପେକ୍ଷାରେ ଥାଏ। ପିଲାଟି ବେଳୁ ମୋର ମଡେଲିଂ, ଆଙ୍କରିଂ ଓ ଡ୍ୟାନ୍ସ ପ୍ରତି ରୁଚି ଥିଲା । ଆଉ ଏହି ରୁଚି ମୋତେ ଆଜି ଅଭିନୟ ଦୁନିଆରେ ପାଦ ଥାପିବାକୁ ଅନେକାଂଶରେ ପ୍ରେରଣା ଯୋଗାଇଛି ବୋଲି ଦୃଢ଼ ସ୍ୱରରେ କହିବି।' ଆଲବମ, ଫିଲ୍ମ ଓ ୱେବ ସିରିଜରେ ସେ ଜଲୱା ଦେଖାଇସାରିଛନ୍ତି। ସିଭିଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିବା ସୋନମଙ୍କର ରହିଛି ଅଭିନୟ ପ୍ରତି ଅହେତୁକ ଦୁର୍ବଳତା । ଓଡ଼ିଶାରେ ତାଙ୍କର ପ୍ରଥମ ଚଳଚ୍ଚିତ୍ର ଥିଲା 'ମିତାଲୀ ଅପା' । ଯେଉଁଥିରେ ଅଭିନେତା ଶ୍ରୀତମ ଦାସଙ୍କ ସହ ସେ ଅଭିନୟ କରିଥିଲେ । ତା'ପରେ 'ସମୟ କହିବ କିଏ କାହାର'ଫିଲ୍ମରେ ତାଙ୍କର ନିଖୁଣ ଅଭିନୟ ଦେଖିବାକୁ ମିଳିଥିଲା । ଅନ୍ୟତମ ଲୋକପ୍ରିୟ ଓଟିଟି ପ୍ଲାଟଫର୍ମ 'କଞ୍ଚାଲଙ୍କା'ରେ ଆସିଥିବା ଏକ ଭିନ୍ନ ଧରଣର ୱେବ ସିରିଜ 'ଗ୍ୟାଙ୍ଗସ ଅଫ ପୁରୀ' ଏବଂ 'କ୍ଲବ ୬୯'ରେ ବି ତାଙ୍କୁ ଦେଖିବାକୁ ମିଳିଥିଲା।


ସୋନମ

# ଆଚାର ପ୍ରିୟ ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରାଙ୍କର ଏକ ପୁରୁଣା ଅଭ୍ୟାସ ରହିଛି। ଖାଇବା ସମୟରେ ଯଦି ଏହି ଜିନିଷଟି ତାଙ୍କ ଥାଳିରେ ନ ରହିଲା ତେବେ ଖାଇବା ଆରମ୍ଭ କରନ୍ତି ନାହିଁ। ସେ ଖାଦ୍ୟଟି କ'ଣ ଜାଣନ୍ତି ? ତାହା ହେଲା ଆଚାର। ଲଞ୍ଚ୍ ହେଉ କି ଡିନର ତାଙ୍କ ମେନ୍ୟୁରେ ଆଚାର ରହିବା ନିହାତି ଦରକାର। ଏ ସମ୍ପର୍କରେ ପ୍ରିୟଙ୍କା କହନ୍ତି, 'ପିଲାଟି ଦିନରୁ ଆଚାର ଖାଇବା ମୋର ଏକ ଅଭ୍ୟାସ। ଏପରି କି ସ୍କୁଲରେ ପଢିବାବେଳେ ଟିଫିନ୍‌ରେ ଟିକେ ଆଚାର ନ ନେଲେ ମୋ ମନ ବୁଝେନା। ଏ ପର୍ଯ୍ୟନ୍ତ ବି ମୋର ସେହି ଅଭ୍ୟାସ ରହିଛି। ସେଥିପାଇଁ ମୋ ସାମ୍ନାରେ ଖାଇବା ରଖାଗଲେ ସେଥିରେ ଆଚାର ଆଇଟମ୍ ଅଛି କି ନାହିଁ ତାହା ପ୍ରଥମେ ଦେଖିନିଏ।' ଗତ କିଛି ବର୍ଷ ହେବ ପ୍ରିୟଙ୍କା ହିନ୍ଦୀ ସିନେମା ଠାରୁ ଦୂରେଇ ରହିଛନ୍ତି। କାରଣ ସେ ଏବେ ହଲିଉଡ୍‌ରେ ବ୍ୟସ୍ତ। ଅନ୍ୟପକ୍ଷରେ ସେ ନିକଟରେ ଅଭିନୟ କରିଥିବା ଫରହାନ୍ ଅଖତରଙ୍କ ସିନେମା 'ଜି ଲେ ଜରା' ରିଲିଜ ଅପେକ୍ଷାରେ ରହିଛି। ହେଲେ ଏହାର ମୁକ୍ତିଲାଭ ତାରିଖ କେତେ ଥର ଘୁଞ୍ଚିବା ପରେ ଚଳଚ୍ଚିତ୍ରଟି ଆସନ୍ତା ବର୍ଷ ପ୍ରାରମ୍ଭରେ ପରଦା ଉପରକୁ ଆସିବ ବୋଲି ଫରହାନ୍ ସୂଚନା ଦେଇଛନ୍ତି।


ପ୍ରିୟଙ୍କା

# ସହ-ନିର୍ଦ୍ଦେଶନାରୁ ଆରମ୍ଭ

ଅଭିନେତ୍ରୀ ଶାର୍ଭରୀ ୱାଘ' ଏବେ ନିଜ ଆକ୍ଟିଂ ଉପରେ ଅଧିକ ଧ୍ୟାନ ଦେଉଛନ୍ତି। ହେଲେ ଯେତେବେଳେ ସେ ବଲିଉଡ୍‌କୁ ଆସିଲେ ସେତେବେଳେ ତାଙ୍କୁ ଆଉ ଏକ ଦାୟିତ୍ୱ ମିଳିଥିଲା। ପ୍ରଥମେ କେତୋଟି ସିନେମାରେ ସେ ସହ-ନିର୍ଦ୍ଦେଶିକା ଭାବରେ କାମ କରିଥିଲେ। ଲଭ୍ ରଞ୍ଜନଙ୍କ 'ପ୍ୟାର୍ କା ପଞ୍ଚନାମା-୨' (୨୦୧୫), ସଞ୍ଜୟ ଲୀଲା ଭଁସାଲିଙ୍କ 'ବାଜିରାଓ ମିସ୍ତାନି' (୨୦୧୫) ଏବଂ ଲଭ୍ ରଞ୍ଜନଙ୍କ 'ସୋନୁ କେ ଟିଟୁ କି ସ୍ୱିଟି' (୨୦୧୮)ରେ ସେ ଏଭଳି ଦାୟିତ୍ୱକୁ ବେଶ୍ ସୂଚାରୁ ରୂପେ ତୁଲାଇଥିଲେ। ହେଲେ ଆଦିତ୍ୟ ଚୋପ୍ରାଙ୍କ 'ବଣ୍ଟି ଔର ବବଲି-୨'ର ଅଡିଶନରେ ପାସ୍ ହେବା ପରେ ସେ ଅଭିନୟକୁ କ୍ୟାରିୟର କରିବାକୁ ମନସ୍ଥ କରିଥିଲେ। ଚଳିତ ବର୍ଷ ସେ ମାତ୍ର ତିନୋଟି ସିନେମାରେ ଅଭିନୟ କରିଛନ୍ତି। ଆଉ ନିଜ ଆକ୍ଟିଂ କ୍ୟାରିୟରର ଏଭଳି କଚ୍ଛପ ଗତି ପାଇଁ ସେ ଆଦୌ ମନ ଦୁଃଖ କରୁନାହାନ୍ତି। ଏ ନେଇ ସେ କହନ୍ତି, 'ମୋତେ ଯେ ସବୁବେଳେ ଅଫର ମିଳିବ ତାହା ଭାବିବା ଭୁଲ। ଆକ୍ଟିଂ ଲାଇଫରେ ଅପ୍ ଆଣ୍ଡ ଡାଉନ୍ ଥାଏ। ତାହାକୁ ସାମନା କରି ଆଗକୁ ବଢ଼ିଲେ ହିଁ ମନୋବଳ ଦୃଢ଼ ହୋଇଥାଏ। ଏହାବାଦ ମୋତେ ଯେ କୌଣସି ଭୂମିକା ଦେଲେ ତାହାକୁ ମୁଁ ସମ୍ପାଦନ କରିପାରିବ ବୋଲି ନିଜ ଉପରେ ଭରସା ରହିଛି।' ଶାର୍ଭରୀ ଅଭିନୟ କରିବାକୁ ଥିବା ଆଉ ଏକ ଫିଲ୍ମର ଟାଇଟଲ ହେଉଛି 'ଆଲ୍‌ଫା'। ଏହାର ଶୁଟିଂ ଆସନ୍ତା ବର୍ଷ ଆରମ୍ଭ ହେବାର ଯୋଜନା ରହିଛି।


ଶାର୍ଭରୀ

**ପ୍ରଥମ ରୋଜଗାର**



ବିଶିଷ୍ଟ ଶିଶୁ ସାହିତ୍ୟିକ ଓ ବିଜ୍ଞାନ ଲେଖକ **ଡ. ଅରୁଣ କୁମାର ପଣ୍ଡା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ରୋଜଗାରରେ ଗାଈ କିଣାହେଲା

ଜୀବନରେ ଅନେକ ଟଙ୍କା ରୋଜଗାର କଲେ ବି ପ୍ରଥମ ରୋଜଗାରର ଚମକ ଓ ଆନନ୍ଦ ଅତୀବ ନିଆରା । ଆଉ ଯଦି ସେହି ରୋଜଗାର ଛାତ୍ର ଅବସ୍ଥାରେ ହୋଇଥାଏ, ତେବେ ତା'ର ପୁଲକ କହିଲେ ନ ସରେ । ଏକ ମଧ୍ୟବିତ୍ତ ପରିବାରରେ ମୋର ଜନ୍ମ । ଛୋଟ ମୋଟ ଆବଶ୍ୟକତା ମେଣ୍ଟାଇବାରେ ଆମ ପରିବାରର ଅର୍ଥନୀତି ଅନୁକୂଳ ଥିଲା । ମୋର ବାପା ସ୍ୱର୍ଗତ ଅନିରୁଦ୍ଧ ପଣ୍ଡା ଥିଲେ ଜଣେ ସୁନାମଧନ୍ୟ ପାଲା ଗାୟକ । ପାଲା କ୍ଷେତ୍ରରେ ତାଙ୍କର ଯଥେଷ୍ଟ ସୁନାମ ଥିବାରୁ ରୋଜଗାର ମନ୍ଦ ନଥିଲା । ମୁଁ ଥିଲି ଏକମାତ୍ର ପୁଅ, ମୋର ବଡ଼, ସାନ ଦୁଇ ଭଉଣୀ । ପିଲାଟି ବେଳୁ ମୁଁ ଗେହ୍ଲାରେ ବଢ଼ିଛି । ବାପା ମୋତେ ଅଭାବ ବିଷୟରେ ଜଣେଇବାକୁ ଦିଅନ୍ତି ନାହିଁ । ସ୍କୁଲ ଜୀବନରୁ ମୁଁ ଜଣେ ମେଧାବୀ ଛାତ୍ର । ବିଦ୍ୟାଳୟରେ ସବୁ ବିଷୟରେ ପ୍ରଥମ ହେଉଥିବାରୁ ସମସ୍ତଙ୍କର ସ୍ନେହ ଶ୍ରଦ୍ଧା ଆଦର ଲାଭ କରିଛି । ମୁଁ ପଞ୍ଚମ ଶ୍ରେଣୀରେ ବୃତ୍ତି ପାଇଥିଲେ ବି ସେ ବାବଦରେ ଯେଉଁ ସ୍ୱଳ୍ପ ଟଙ୍କା ମିଳିଥିଲା, କ'ଣ ହେଲା ସେ କଥା ମୋର ମନେ ନାହିଁ । ମୁଁ ସପ୍ତମ ଶ୍ରେଣୀ ଏନ୍ ଆର୍ ଟି ଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହେବାରୁ ମୋତେ ଏକକାଳୀନ ୧୫୦୦ ଟଙ୍କା ମିଳିଥିଲା । ମୁଁ ସେହି ଟଙ୍କାକୁ ମୋର ପ୍ରଥମ ରୋଜଗାର ଭାବରେ ଏ ଯାଏ ମନେ ରଖିଛି । ଏହି ଟଙ୍କା ମିଳିଲା ବେଳକୁ ମୋର ଜନ୍ମଦାତ୍ରୀ ମା' ରୋଗାକ୍ରାନ୍ତ ଥାନ୍ତି । ମୋ ପୁଅ ଭଲ ପଢୁଛି ବୋଲି କହି ଗର୍ବ କରୁଥିବା ମାଆ ଏହି ସଫଳତାରେ ଖୁସି ହେବାକୁ ସକ୍ଷମ ନାହାନ୍ତି ଜାଣି ମନ ଦୁଃଖ ହେଲା । ଅବଶ୍ୟ କିଛି ଦିନ ପରେ ସେ ଆରପାରିକୁ ଚାଲିଗଲେ । ଘରର ଦାୟିତ୍ୱ ବୁଝୁଥାନ୍ତି ମୋର ପିଉସୀ ମାଆ । ସେ ବାଲ୍ୟ ବିଧବା ହୋଇ ଆମ ଘରେ ରହୁଥିଲେ । ଆମେ ତିନି ଭାଇଭଉଣୀ ତାଙ୍କୁ ବୋଉ ବୋଲି ଡାକୁ । ଏହି ଟଙ୍କା ତାଙ୍କରି ହାତରେ ଦେଲାବେଳେ ସେ ମୋତେ କୁଣ୍ଢାଇ ପକାଇଲେ । ସେ ବାପାଙ୍କୁ ଏହି ଟଙ୍କା ଦେଇ କହିଲେ–"ଆମର ଗାଈ ନାହିଁ, ଗାଈଟିଏ ଆଣିଲେ ଭଲ ହେବ । ବାରମାସୀ ପିଲାଏ କ୍ଷୀର, ଦହି, ଛେନା ଖାଇବେ ।" ବାପା ଏକଥା ଶୁଣି ଖୁସି ହେଲେ ଓ ଗାଈଟିଏ ଆସିଲା । ତା'ର ଗୋଡ ଟିକେ ବଡ଼ ସାନ ଥିବାରୁ ତା' ନାଁ ଦିଆଗଲା ଛୋଟୀ । ଛୋଟୀ ଗାଈ ଭାରୀ ସୁଧାର ଓ ଦୁଧିଆଳୀ ଥିଲା । ମୋ ବୋଉ ଲୋକଙ୍କ ପାଖରେ କହେ– ଏ ଗାଈ ମୋ ପୁଅ ଆଣିଛି । ତା'ପରେ ମୁଁ ମେଟ୍ରିକ୍‌ରେ ଓ ମାଇନିଂ ଇଞ୍ଜିନିୟରିଂ ପଢିଲାବେଳେ ବୃତ୍ତି ପାଇଛି । ଇଞ୍ଜିନିୟରିଂ ଛାତ୍ର ଥିବାବେଳେ ୧୯୯୧ ମସିହାରେ ମୋର ଏକ ଗଳ୍ପ 'ଅନ୍ଧ–ମୁକ–ବଧିର' ଆକାଶବାଣୀ, କଟକର ଯୁବବାଣୀରେ ବାଜିଲା । ତା'ର ପାରିତୋଷିକ ହିସାବରେ ୭୫ ଟଙ୍କା ମିଳିଲା । ସାହିତ୍ୟ କ୍ଷେତ୍ରରୁ ଏହା ଥିଲା ମୋର ପ୍ରଥମ ରୋଜଗାର । ୧୯୯୮ ମସିହାରେ ମୁଁ ଓଡ଼ିଶା ବିଜ୍ଞାନ ଏକାଡେମୀ ପୁରସ୍କାର ପାଇଲି । ପୁରସ୍କାର ବାବଦକୁ ମୋତେ ୫୦୦୦ ଟଙ୍କା ମିଳିଲା । ସେତେବେଳେ ମୋତେ ୨୫ବର୍ଷ ବୟସ, ମୁଁ ଚାକିରୀ କିମ୍ବା ବିବାହ କରି ନଥାଏ । ଏହା ମୋର ପ୍ରଥମ ପୁରସ୍କାର ଓ ସେ କ୍ଷେତ୍ରରେ ମୋର ପ୍ରଥମ ରୋଜଗାର । ଏହା ଭିତରେ ବିତି ଯାଇଛି ଅନେକ ବର୍ଷ । କିଛି ଦିନ ମୁଁ ଟ୍ୟୁସନ କରିଛି ଆଉ ଏବେ ଚାକିରି କରି ଅର୍ଥ ରୋଜଗାର କରୁଛି । ହେଲେ ପ୍ରଥମ ରୋଜଗାରରେ ଗାଈ କିଣାଯିବାର ପୁଲକ ଏବେ ବି ହୃଦୟରେ ସାଇତା ହୋଇ ରହିଛି ।

# ଏପଟେ ଖୁସିକୁ ସେପଟେ ଡର , ଲୁଚି ଲୁଚି ଲେଖେ ପ୍ରେମ ପତର

**ସାଥୀ**



**ପ୍ରଶ୍ନ–** ସେ ମୋ ସ୍ୱପ୍ନ ସୁନ୍ଦରୀ । ତା'ସହ ଯେତେବେଳେ ପ୍ରଥମ ଥର ଭେଟ ହେଲା, ଏକାଥରେ ତା' ମାୟାରେ ମୁଁ ପଡିଗଲି । ହେଲେ ସେ ମୋତେ ଏବେ ଦେଖିଲେ କେବଳ ହସୁଛି, କିଛି କହୁନି । ତା' ପାଇଁ ଅନେକ ଚିଠି ଲେଖିଛି, ହେଲେ ତାକୁ ଦେବାକୁ ସାହସ ହେଉନି । ଏବେ କ'ଣ କରିବି କିଛି ଜାଣିପାରୁନାହିଁ । ମୋତେ କିଛି ଉପାୟ ବତାଇବେ କି ?

*–ପ୍ରଦୀପ ରାଉତ, ବାଲେଶ୍ୱର*

**ଉତ୍ତର:** ପ୍ରେମ ଏପରି ଏକ ନିଶା ଯାହା ମନକୁ ଥରେ କବଳିତ କଲେ ସେହି ନିଶା ସହଜରେ ଖସେ ନାହିଁ । ଦେଖୁନାହାନ୍ତି, କେମିତି ପ୍ରଥମ ଦେଖାରେ ସେହି ସୁନ୍ଦରୀ ନିକଟରେ ଆପଣଙ୍କ ରଙ୍ଗୀଲା ମନ ବନ୍ଧା ପଡିଯାଇଛି । ପୁଣି ତା' ପାଇଁ ଗୁଡାଏ ଚିଠି ଲେଖିଛନ୍ତି ହେଲେ ଦେଇପାରୁନାହାନ୍ତି । 'ଏପଟେ ଖୁସିକୁ ସେପଟେ ଡର, ଲୁଚି ଲୁଚି ଲେଖେ ପ୍ରେମ ପତର ।' ପୁଣି ଲେଖିଛନ୍ତି ଯେ, ଆପଣଙ୍କୁ ଦେଖି ସେ ହସି ଦେଉଛି । କେବଳ ମଗଜ ଖଟାଇ ସେହି ହସରେ ଲୁଚି ରହିଥିବା ତା' ମନ କଥାକୁ ଭଲ ଭାବରେ ପଢ଼ନ୍ତୁ । ଯଦି ଦୁଇ ପଟରୁ ପାଣିପାଗ ଠିକ୍ ଅଛି ତେବେ ବିଳମ୍ବ ନ କରି ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ । ତେଣୁ ସମୟ ନଷ୍ଟ ନ କରି ପାଦ ଆଗକୁ ବଢ଼ାଇବା ହିଁ ଠିକ୍ ହେବ ।

**ପ୍ରଶ୍ନ–** ମୋ ପ୍ରେମିକା ମୋତେ ଦୁଇ ବର୍ଷ ହେବ ଧୋକା ଦେଇ ଚାଲିଯାଇଛି । ଏବେ ତାକୁ ଦେଖିଲେ ମୋତେ ଲାଗୁଛି ସେ ମୋତେ ପୁଣି ଥରେ ଭଲ ପାଇବାକୁ ଚେଷ୍ଟା କରୁଛି । ତା' ସହ ପୁଣି ଥରେ ପ୍ରେମ ଆରମ୍ଭ କରିବା ଠିକ୍ ହେବ କି ?

*–ଶ୍ରୀଜିତ କୁମାର, ବ୍ରହ୍ମପୁର*

**ଉତ୍ତର:** ଦୁଇ ବର୍ଷର ଗ୍ୟାପ୍ ପରେ ସେହି ପୁରୁଣା ପ୍ରେମିକାକୁ ଦେଖିଲା ବେଳକୁ ଆପଣଙ୍କ ଦିଲ୍‌ର ଧଡକନ୍ ବଢୁଛି । ହୁଏତ ତା' ଆଡକୁ ପୁଣି ଥରେ ଢ଼ଳିବାକୁ ଆପଣ ମନସ୍ଥ କରିସାରିଲେଣି । ହେଲେ ସେ ଆପଣଙ୍କୁ ଧୋକା ଦେଇ ଚାଲିଯାଇଥିଲା । ତାକୁ ପୁଣି ଥରେ ବିଶ୍ୱାସ ପରିସରକୁ ନେବା କେତେଦୂର ଯୁକ୍ତିଯୁକ୍ତ ତାହା ଭଲ ଭାବରେ ତର୍ଜମା କରନ୍ତୁ । ପୁଣି ଥରେ ତା'ସହ ପ୍ରେମ ବନ୍ଧନରେ ବାନ୍ଧି ହୋଇ ଯଦି ପୁନର୍ବାର ଧୋକା ଖାଇଲେ ସେତେବେଳର ପରିସ୍ଥିତିକୁ ସାମନା କରିପାରିବେ ତ ? ଆଉ ଗୋଟିଏ କଥା । ତାକୁ ଦେଖି ଆପଣ ପୁଣି ଥରେ ଲଭ୍ ଗେମ୍ ଆରମ୍ଭ କରିବାକୁ ଚାହୁଁଛନ୍ତି । ତାହାର ଏ ନେଇ ସମ୍ମତି ଅଛି ତ ? ଯଦି ଦ୍ୱିତୀୟ ଥର ପ୍ରେମରେ ବିଶ୍ୱାସ ଦୃଢ଼ ରହିଲା ତ ଭଲ କଥା । ହେଲେ ପୁଣି ଥରେ ଯଦି ସେ ଚଢ଼େଇ ଉଡିଗଲା, ତେବେ ! ଏପରି ସମୟରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ ।

**ପ୍ରଶ୍ନ–** ମୋ ପ୍ରେମିକା ମୋତେ କଥା ଦେଇ ଯାଇଥିଲା ଯେ ସେ ଫେରି ଆସିବ । ହେଲେ ଦିନ ପରେ ଦିନ ଗଡି ଚାଲିଛି । ଅପେକ୍ଷା କରି କରି ମୁଁ ଧୈର୍ଯ୍ୟହରା ହୋଇଗଲିଣି । ସେହି ଚାନ୍ଦିନୀ ରାତି ଅଛି ହେଲେ ମୋ ମନର ସାଥୀ ନାହିଁ । କ'ଣ କରିବି ?

*–ବିଜୟ ନାୟକ, କଟକ*

**ଉତ୍ତର:** ଆପଣଙ୍କ ପ୍ରେମିକା ଆପଣଙ୍କୁ କଥା ଦେଇ ଯାଇଛି ଯେ ସେ ଫେରି ଆସିବ । ସମୟ ତା' ବାଟରେ ଗଡି ଚାଲିଛି, ପ୍ରତୀକ୍ଷାର ଅନ୍ତ ହେଉନାହିଁ କି ଆପଣଙ୍କ ମନର ମାନସୀ ଆସୁନାହିଁ । ସତରେ, ବଡ ପ୍ୟାଥେଟିକ୍ ! ସବୁଠାରୁ ବଡ କଥା, ଆପଣ ଧୈର୍ଯ୍ୟର ସହ ତାକୁ ଅପେକ୍ଷା କରିଛନ୍ତି । ହେଲେ ସବୁ ଅପେକ୍ଷାର ସୀମା ଥାଏ । ହୁଏତ ଏମିତି ବି ହୋଇପାରେ ସେ ଆଉ କାହା ମନରେ ଘର କରି ସାରିଲାଣି । କଥାରେ ଅଛି–ଅପେକ୍ଷାର ଫଳ ମିଠା । ହେଲେ ସବୁ କ୍ଷେତ୍ରରେ ଏହା ସମ୍ଭବ ହୋଇ ନ ଥାଏ । ତେଣୁ ତାକୁ ଆହୁରି ଅପେକ୍ଷା କରିବେ ନା ସେପରି ପ୍ରେମର ଯବନିକା ଟାଣି ଦେବେ ତାହା ନିଜ ଉପରେ ନିର୍ଭର କରେ ।

# ସ୍ୱେଟ୍‌ଶାର୍ଟ






**ଥଣ୍ଡାରେ ଷ୍ଟାଇଲିଶ୍ ଦେଖାଯିବା ପାଇଁ ସ୍ୱେଟ୍‌ଶାର୍ଟ ଏକ ଭଲ ଅପ୍ସନ ହୋଇପାରେ। କାରଣ ଏହାକୁ ପିନ୍ଧିଲେ ଉଭୟ ଶାର୍ଟ ଓ ସ୍ୱେଟର୍‌ର ଲୁକ୍ ମିଳେ। ଆକର୍ଷଣୀୟ ଲୁକ୍ ସାଙ୍ଗକୁ ଏହାକୁ ପିନ୍ଧି ଶୀତରୁ ରକ୍ଷା ମିଳୁଥିବାରୁ ଏହାର ଚାହିଦା ବି ଶୀତଦିନେ ବେଶ୍ ରହିଥାଏ ...**



**ଶୀ**ତଦିନେ ଥଣ୍ଡାରୁ ରକ୍ଷା ପାଇବା ସଙ୍ଗେସଙ୍ଗେ ଷ୍ଟାଇଲିଶ୍ ଲୁକ୍ ପାଇଁ ଯୁବତୀମାନେ ଆଉଟ୍‌ଫିଟ୍‌କୁ ନେଇ ଅନେକ ପ୍ରକାରର ଏକ୍ସପେରିମେଣ୍ଟ କରିଥାନ୍ତି। ଏମିତିରେ ଯଦି କଥା ସ୍ୱେଟ୍‌ଶାର୍ଟର ଉଠେ, ତା'ହେଲେ ଶୀତଦିନ ପାଇଁ ଏହାଠୁ ଭଲ ଅପ୍ସନ ଆଉ କ'ଣ ହୋଇପାରେ। କାରଣ ଏହାକୁ ପିନ୍ଧିଲେ ଉଭୟ ଶାର୍ଟ ଓ ସ୍ୱେଟର୍‌ର ଲୁକ୍ ମିଳେ ; ଯାହା ଖୁବ୍ ସୁନ୍ଦର ଦେଖାଯାଇଥାଏ। ଖାସ୍ କଥା ହେଉଛି କୁଆଡ଼େ ବୁଲିଯିବାର ଥିଲେ ଯେକୌଣସି ଆକର୍ଷଣୀୟ ବଟମ୍ ୱେର୍ ସାଙ୍ଗକୁ କେବଳ ଏହି ସ୍ୱେଟ୍‌ଶାର୍ଟ ପିନ୍ଧି ଖୁବ୍ ଶୀଘ୍ର ନିଜକୁ ପ୍ରସ୍ତୁତ କରିହୁଏ। ଜାଣନ୍ତୁ ସେମିତି କିଛି ଟ୍ରେଣ୍ଡି ସ୍ୱେଟ୍‌ଶାର୍ଟ ସମ୍ପର୍କରେ ...

✲ **ହୁଡି:** ସ୍ୱେଟ୍‌ଶାର୍ଟର ବିଭିନ୍ନ ଅପ୍ସନ ଭିତରୁ ହୁଡି ସବୁଠୁ ଟ୍ରେଣ୍ଡି ଲାଗିଥାଏ। ସେଥିପାଇଁ ପୁଅ ହୁଅନ୍ତୁ କି ଝିଅ, ଶୀତଦିନେ ସମସ୍ତଙ୍କର ଏହା ପସନ୍ଦ ହୋଇଥାଏ। ହାଲୁକା ଶୀତରେ ପିନ୍ଧିବା ପାଇଁ ଏହା ଏକ ଭଲ ଅପ୍ସନ ହୋଇପାରେ। ହୁଡି ସାଙ୍ଗକୁ ପେୟାର୍ କରି ଜିନ୍ସ ହେଉ ସ୍କର୍ଟ ଆରାମରେ ପିନ୍ଧା ଯାଇପାରେ।

✲ **ଜିପର୍ଡ ସ୍ୱେଟ୍‌ଶାର୍ଟ:** ଏହାକୁ କେହି କେହି ଜିପର୍ଡ ହୁଡି ବୋଲି ବି କହିଥାନ୍ତି। କାରଣ ଏହି ସ୍ୱେଟ୍‌ଶାର୍ଟର ଡିଜାଇନ୍ ପ୍ରାୟତଃ ହୁଡି ଭଳି ଦେଖାଯାଇଥାଏ। କିନ୍ତୁ ଏଥିରେ ଜିପ୍ ଲାଗିଥିବା ଯୋଗୁ ଏହାକୁ ଜିପର୍ଡ ହୁଡି ବୋଲି କୁହାଯାଏ। ଶୀତଦିନେ ସ୍ପୋର୍ଟି ଲୁକ୍ ପାଇଁ ମଧ୍ୟ ଏହାକୁ ଟ୍ରାଏ କରାଯାଇପାରେ।

✲ **କ୍ରିଉନେକ୍ ସ୍ୱେଟ୍‌ଶାର୍ଟ:** ସବୁଠୁ ସିମ୍ପଲ ସ୍ୱେଟ୍‌ଶାର୍ଟ ଭାବେ ଏହାକୁ ବିବେଚନା କରାଯାଏ ; ଯାହାକୁ ହାଲୁକା ଶୀତରେ ବେଶ୍ ଆରାମରେ କ୍ୟାରି କରିହୁଏ। ସାଧାରଣତଃ ଏହି ସ୍ୱେଟ୍‌ଶାର୍ଟ ଟିକେ ଢିଲା ଢାଲା ଡିଜାଇନ୍‌ରେ ଆସିଥାଏ ; ଯାହାକୁ ପିନ୍ଧି କାଜୁଆଲ୍ ଲୁକ୍ ପାଇହୁଏ। ଏହା ଉଭୟ ଫୁଲ୍ ସ୍ଲିଭ୍, ଶର୍ଟ ସ୍ଲିଭ୍ ଏବଂ ସ୍ଲିଭ୍ ଲେସ୍‌ରେ ବି ଉପଲବ୍ଧ ହୋଇଥାଏ।

✲ **ପୁଲ୍ ଓଭର:** ଏହା ବି ପ୍ରାୟତଃ ହୁଡି ଭଳି ହିଁ ଦେଖାଯାଇଥାଏ, କିନ୍ତୁ ଏଥିରେ କୌଣସି ଚେନ୍ କି ବଟନ୍ ଲାଗି ନଥାଏ। ଶୀତଦିନେ କାଜୁଆଲ୍ ସିମ୍ପଲ୍ ଲୁକ୍ ପାଇଁ ଏହାକୁ ଟି-ଶାର୍ଟ ଉପରେ ପିନ୍ଧାଯାଇପାରେ।

✲ **ଆଥଲେଟିକ୍ ସ୍ୱେଟ୍‌ଶାର୍ଟ:** ଯେଉଁ ଯୁବତୀମାନେ ଶୀତଦିନେ ଆକ୍ଟିଭ୍ ଲାଇଫ୍ ଷ୍ଟାଇଲ୍‌କୁ ଫଲୋ କରିବା ସହ ପ୍ରତ୍ୟହ ଏରୋବିକ୍ସ ଏକ୍ସରସାଇଜ୍ ପାଇଁ ଯାଉଥିବେ, ସେମାନଙ୍କ ପାଇଁ ଏହି ଟାଇପ୍‌ର ସ୍ୱେଟ୍‌ଶାର୍ଟ ଏକ ଭଲ ଅପ୍ସନ ହୋଇପାରେ।

✲ **ନିଟେଡ୍ ସ୍ୱେଟ୍‌ଶାର୍ଟ:** ନିଟେଡ୍ ସ୍ୱେଟ୍‌ଶାର୍ଟକୁ ଜିନ୍ସ ସହ କମ୍ବାଇନ୍ କଲେ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ। ଏହାକୁ ପିନ୍ଧିଲେ ବି ଉଭୟ ଶାର୍ଟ ଓ ସ୍ୱେଟର୍‌ର ଲୁକ୍ ମିଳେ। ଏହାକୁ ଲଙ୍ଗ୍ ସ୍କର୍ଟ ସହ ମଧ୍ୟ ଟ୍ରାଏ କରାଯାଇପାରେ।

ଏହାଛଡ଼ା ଟର୍ଟଲ ନେକ୍ ସ୍ୱେଟ୍‌ଶାର୍ଟ ଏବଂ ମକ୍ ନେକ୍ ସ୍ୱେଟ୍‌ଶାର୍ଟକୁ ବି ହାଲ୍‌କା ଶୀତରେ ପିନ୍ଧିବା ପାଇଁ ଅପ୍ସନ ଭାବେ ବଛାଯାଇପାରେ।








# ହାଃ ହାଃ

## ଆଇରନ୍

ବର୍ଣ୍ଣି ମା'ଙ୍କୁ: ମାମା ତମେ କପଡ଼ା ଆଇରନ୍ କାହିଁକି କରୁଛ ?
ମା': ଆଇରନ୍ କଲେ କପଡ଼ାରେ ହେଇଥିବା ଲୋଚାକୋଚା ସିଧା ହେଇଯାଏ ।
ବର୍ଣ୍ଣି: ମତେ ଟିକେ ଆଇରନ୍‌ଟା ଦେବ ?
ମା': କାହିଁକି ?
ବର୍ଣ୍ଣି: ଜେଜେ ମା' ମୁହଁ କେତେ ଲୋଚାକୋଚା ହେଇ ଯାଇଛି । ଆଇରନ୍ ଲଗେଇ ସିଧା କରିଦେବି ।

## ପୁଅ

ରାସ୍ତାର ଏକ ସ୍ଥାନରେ ବହୁତ ଗହଳି ହୋଇଥାଏ । ଏହା ଦେଖି ଗୋପାଳ: କାହାର ବୋଧେ ଆକକ୍ସିଡେଣ୍ଟ ହେଇଛି । ଯାଏ ଦେଖିବା କିଏ ?
ଗୋପାଳ ଗହଳି ଭିତରେ ଯେତେ ଚେଷ୍ଟା କଲେ ବି ପଶି ପାରିଲା ନାହିଁ । ଶେଷରେ ଏକ ପ୍ଲାନ କରି କହିଲା: ଦୟା କରି ରାସ୍ତା ଛାଡ । ମତେ ଟିକେ ଭିତରକୁ ଯିବାକୁ ଦିଅ ।
ଯିଏ ମରିଛି ସେ ମୋ ପୁଅ ।
ଆଉ ଭିତରକୁ ପଶି ଦେଖିଲା– ଏକ ଗଧ ମରି ପଡିଛି ।

## କଲର


ଜଣେ ବୃଦ୍ଧ ସେଲୁନ୍ ଯାଇଥାଆନ୍ତି । ତାଙ୍କ ମୁଣ୍ଡରେ ମାତ୍ର ୧୦–୧୨ଟି ଚୁଟି ଥାଏ । ବୃଦ୍ଧ ବ୍ୟକ୍ତି ଯାଇ ସେଲୁନ୍ ଚେୟାରରେ ବସିପଡ଼ିଲେ ।
ସେଲୁନ୍‌ବାଲା– ଆଜ୍ଞା, ମୁଁ କେଶ ଗଣିବି ନା କାଟିବି ?
ବୃଦ୍ଧ ବ୍ୟକ୍ତି– କଲର କରିଦିଅ ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।



# ଅନନ୍ୟ ପର୍ଯ୍ୟଟନସ୍ଥଳୀ
# ଖରଗୋନ






**ଖରଗୋନ ହେଉଛି ମଧ୍ୟପ୍ରଦେଶର ଖରଗୋନ ଜିଲ୍ଲା ଅନ୍ତର୍ଗତ ଏକ ସହର। ସ୍ୱଚ୍ଛତା ହେଉକି ଚାଷବାସ ଅଥବା ପର୍ଯ୍ୟଟନ, ସବୁକ୍ଷେତ୍ରରେ ଏହାର ରହିଛି ଏକ ସ୍ୱତନ୍ତ୍ର ପରିଚୟ। ଖାସ୍ ସେଥିପାଇଁ ପର୍ଯ୍ୟଟନ ପ୍ରିୟ ଲୋକମାନଙ୍କର ଏଠାରେ ଜମେ ବେଶ୍ ଗହଳି...**

ମଧ୍ୟପ୍ରଦେଶର ଖରଗୋନ ଜିଲ୍ଲା ଅନ୍ତର୍ଗତ ଏକ ସହର ହେଉଛି ଖରଗୋନ। ଏହା ଜିଲ୍ଲାର ମୁଖ୍ୟାଳୟ ମଧ୍ୟ। ସୂଚନାନୁଯାୟୀ, କୁନ୍ଦା ନାମକ ଏକ ନଦୀର ତଟଦେଶରେ ଅବସ୍ଥିତ ଏହି ସହରଟି ମୁଖ୍ୟତଃ କପା ଏବଂ ଲଙ୍କା ଚାଷ ପାଇଁ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। ତା'ସହିତ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ମଧ୍ୟ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଯେମିତିକି...

* **ଖରଗୋନ ଦୁର୍ଗ:** ଏହି ସହରରେ ଏକ ପୁରୁଣା ଦୁର୍ଗ ରହିଛି ; ଯାହା ଖରଗୋନ ଦୁର୍ଗ ନାମରେ ପରିଚିତ। ଉକ୍ତ ଦୁର୍ଗର ଆକର୍ଷଣୀୟ ବାସ୍ତୁକଳା ଦେଖିବାକୁ ବେଶ୍ ମନୋରମ ଲାଗିଥାଏ। ଖାସ୍ ସେଥିପାଇଁ ଅଧିକାଂଶ ସମୟରେ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଗହଳି ପରିଲକ୍ଷିତ ହୋଇଥାଏ।

* **ନବଗ୍ରହ ମନ୍ଦିର:** ଏହି ମନ୍ଦିରଟି ବି ହେଉଛି ଏଠାକାର ଏକ ପୁରୁଣା ମନ୍ଦିର। ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଆସି ଏଠାରେ ପୂଜାର୍ଚ୍ଚନା କରି ନିଜ ମନସ୍କାମନା ପୂରଣ କରି ଯାଇଥାନ୍ତି। ସେଥିପାଇଁ ଅନେକେ ଏହି ସହରକୁ **ନବଗ୍ରହ କି ନଗରୀ** ବୋଲି ବି ସମ୍ବୋଧନ କରିଥାନ୍ତି।

* **ଓନ୍:** ନବଗ୍ରହ ମନ୍ଦିରଠାରୁ ପ୍ରାୟ ୧୭ କି.ମି ଦୂରରେ ଏକ ବହୁ ପୁରୁଣା ଗାଁ ରହିଛି ; ଯାହାର ନାଁ ହେଉଛି ଓନ୍। ସୂଚନାନୁଯାୟୀ, ଏହି ଗାଁରେ ବି ଏକ ମହାଲକ୍ଷ୍ମୀ ମନ୍ଦିର ଏବଂ ଏକ ଜୈନ ମନ୍ଦିର ଥିବାର ମଧ୍ୟ ଦେଖିବାକୁ ମିଳିଥାଏ। କେବଳ ଓନ୍ ଗାଁରେ ନୁହେଁ, ଖରଗୋନ ସହରର ଆଉ କେତେକ ସ୍ଥାନରେ ବି ଜୈନ ମନ୍ଦିର ଥିବାର ପର୍ଯ୍ୟଟକ ଦେଖିପାରିବେ। ତନ୍ମଧ୍ୟରୁ ଚୌବାରା ଡେରା ୨ ଏବଂ ଗ୍ୱାଲେଶ୍ୱର ମନ୍ଦିର ହେଉଛି ପ୍ରମୁଖ।

### ସ୍ୱଚ୍ଛ ସହର

ସ୍ୱଚ୍ଛତା ଦୃଷ୍ଟିକୋଣରୁ ମଧ୍ୟ ଖରଗୋନ ସହରର ଆଉ ଏକ ଭିନ୍ନ ପରିଚୟ ବି ରହିଛି। ସୂଚନାନୁଯାୟୀ, ୨୦୧୮ ମସିହାରେ କରାଯାଇଥିବା ସ୍ୱଚ୍ଛ ସର୍ବେକ୍ଷଣରେ ଏହି ସହରର ନାମ ୧୫ତମ ସ୍ଥାନରେ ରହିଥିଲାବେଳେ ୨୦୨୦ ମସିହାରେ ଏହାର ନାମ ୧୦ମ ସ୍ଥାନରେ ରହିଥିଲା। ତେଣୁ ଏହିଥିରୁ ଅନୁମାନ କରିହୁଏ ଯେ, ଖରଗୋନ ସହରର ପ୍ରାକୃତିକ ପରିବେଶ ଏବଂ ରାସ୍ତାଘାଟ କେତେ ସୁନ୍ଦର ହୋଇଥିବ।

### ଅର୍ଥନୀତି

ଏହି ସହରର ଅର୍ଥନୀତି ମୁଖ୍ୟତଃ ଚାଷବାସ ଉପରେ ନିର୍ଭର କରିଥାଏ। ଏଠାରେ କପା ଏବଂ ଲଙ୍କା ଚାଷ ଖୁବ୍ ଭଲ ହୋଇଥାଏ। ସେଥିରୁ ସ୍ଥାନୀୟ ଲୋକଙ୍କର ଭଲ ରୋଜଗାର ହୋଇଥାଏ। ତା'ଛଡ଼ା ପର୍ଯ୍ୟଟନରୁ ବି ଏଠାକାର ଲୋକେ ଭଲ ଦୁଇ ପଇସା ଲାଭ କରିଥାନ୍ତି।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲି ଯାଇହେବ। ସେହିପରି ଗମନାଗମନ ପାଇଁ ବି ଏଠାରେ ଭଲ ବ୍ୟବସ୍ଥା ରହିଛି। ଖଣ୍ଡଓ୍ୱା ଜଙ୍କସନ୍ ରେଲୱେ ଷ୍ଟେଶନ ହେଉଛି ଏଠାକାର ନିକଟତମ ତଥା ପ୍ରମୁଖ ରେଲଷ୍ଟେଶନ ; ଯାହା ଖରଗୋନଠାରୁ ପ୍ରାୟ ୮୭ କି.ମି ଦୂରରେ ଅବସ୍ଥିତ। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ଟୁରିଷ୍ଟ ବସ୍ ହେଉ କି ନିଜ ଯାନବାହାନ ସାହାଯ୍ୟରେ ମଧ୍ୟ ଆରାମରେ ଯାଇ ଏହି ସହରରେ ପହଁଞ୍ଚିପାରିବେ।





# ଗବେଷଣାରେ ମୂଷାଙ୍କୁ ବ୍ୟବହାର କରାଯାଏ କାହିଁକି



**ପ୍ରାୟ ସମସ୍ତେ ଜାଣନ୍ତି ଯେ, ବୈଜ୍ଞାନିକମାନେ ତିଆରି କରୁଥିବା ନୂଆ ଔଷଧକୁ ମଣିଷ ଉପରେ ପ୍ରୟୋଗ କରିବା ପୂର୍ବରୁ ପ୍ରଥମେ ତାକୁ ମୂଷା ଉପରେ ପ୍ରୟୋଗ କରନ୍ତି। ତେବେ ଜାଣନ୍ତି କି ଏଭଳି କାହିଁକି କରାଯାଏ? ଜାଣନ୍ତୁ ସେ ସମ୍ପର୍କରେ..**

ଚଳଚ୍ଚିତ୍ରରେ ଦେଖିଥିବେ ମଣିଷଙ୍କ ପାଇଁ ତିଆରି କରାଯାଉଥିବା କୌଣସି ଔଷଧର ପରୀକ୍ଷଣ ସିଧାସଳଖ ମଣିଷ ଉପରେ ନ କରାଯାଇ ମୂଷା ଉପରେ କରାଯାଇଥାଏ। ତେବେ ଜାଣନ୍ତିକି ଚଳଚ୍ଚିତ୍ରରେ ଦେଖାଯାଉଥିବା ଏହି ଦୃଶ୍ୟ ଆଦୌ କାଳ୍ପନିକ ନୁହେଁ। ବାସ୍ତବରେ ସେମିତି ହୋଇଥାଏ।

ଏମିତି ଦେଖିଲେ ମଣିଷ ଓ ମୂଷା ଭିନ୍ନ ଭିନ୍ନ। ଜୈବିକ ଭାବେ ମଧ୍ୟ ମଣିଷ ଓ ମୂଷା ମଧ୍ୟରେ କୌଣସି ସମାନତା ନାହିଁ। ତେବେ ଗୋଟିଏ କଥା ଯାହା ଦୁହିଁଙ୍କୁ ଏକ କରେ ତାହା ହେଉଛି ସେମାନଙ୍କ ଡିଏନ୍‌ଏ। ମୂଷାର ପ୍ରାୟ ୮୦% ଜିନ ମଣିଷ ସହ ମିଶେ। ଆମେରିକାର ଫାଉଣ୍ଡେଶନ ଫର ବାୟୋମେଡିକାଲ ରିସର୍ଚ୍ଚ ଅନୁଯାୟୀ ମଣିଷ ଓ ଲାବ୍‌ରେ ବ୍ୟବହାର ହେଉଥିବା ମୂଷାଙ୍କ ଜିନ୍ ପ୍ରାୟତଃ ଏକାପରି। ସରଳ ଭାଷାରେ କହିବାକୁଗଲେ ମୂଷା ଓ ମଣିଷର ଶରୀରରେ ହେଉଥିବା ଅନେକ ଜୈବିକ ପ୍ରକ୍ରିୟା ଏକାପରି। ଯେମିତି କି ମଣିଷ ଓ ମୂଷାର ଇମ୍ୟୁନ ସିଷ୍ଟମ, ମସ୍ତିଷ୍କର ଗଠନ, ହର୍ମୋନାଲ ସିଷ୍ଟମ ଓ ଅର୍ଗାନ ଫଙ୍କ୍‌ସନ ପ୍ରାୟତଃ ସମାନ ହୋଇଥାଏ। ସେଥିପାଇଁ ମଣିଷ ଉପରେ ଗବେଷଣା କରିବା ପୂର୍ବରୁ ମୂଷା ଉପରେ ଏକ୍ସପେରିମେଣ୍ଟ କରାଯାଏ। ଯଦ୍ୱାରା କି ବୈଜ୍ଞାନିକଙ୍କୁ ଜଣାପଡ଼ିବ ଔଷଧର ପ୍ରଭାବ ମଣିଷ ଉପରେ କ'ଣ ପଡ଼ିପାରେ। ଏହାବାଦ ଲାବ୍‌ର ପ୍ରାଣୀ, ଖାସ୍‌କରି ମୂଷାଙ୍କୁ ଗବେଷଣା ଲାଗି ହିଁ ଜନ୍ମ କରାଯାଇଥାଏ। ଲାବ୍‌ରେ ବ୍ୟବହାର କରାଯାଉଥିବା ଅଧିକାଂଶ ମୂଷା ଯାହାକୁ ମେଡିକାଲ ଟ୍ରାଏଲରେ ବ୍ୟବହାର କରାଯାଏ ତାହା ଇନବ୍ରେଡ୍ ହୋଇଥାନ୍ତି, ଯାହାଦ୍ୱାରା ମେଡିକାଲ ଟ୍ରାଏଲର ଫଳାଫଳ ଏକାପରି ଆସେ। ତା'ଛଡ଼ା ମୂଷାମାନେ ଜେନେଟିକାଲି, ବାୟୋଲୋଜିକାଲି ପ୍ରାୟ ମଣିଷ ପରି ହୋଇଥାଆନ୍ତି। ଆଉ ମଣିଷର ଅନେକ ଲକ୍ଷଣ ମୂଷାଠାରେ ଦେଖାଯାଏ। କିଛି ରିପୋର୍ଟ କହେ, ମୂଷା ବ୍ୟତୀତ ଅନ୍ୟ କିଛି ବିକଳ୍ପ ନାହିଁ ଗବେଷଣାରେ ପ୍ରୟୋଗ କରିବା ପାଇଁ। ମୂଷାଙ୍କ ଉପରେ ଗବେଷଣାର ଫଳାଫଳ ଖୁବ୍‌ଶୀଘ୍ର ମଧ୍ୟ ମିଳେ। ଏହାବାଦ୍ ମୂଷାଙ୍କ ରକ୍ଷଣାବେକ୍ଷଣ ଖୁବ୍ ସହଜ। ଏହାକୁ ଲାବ୍‌ରେ ଏକ ନିୟନ୍ତ୍ରିତ ପରିବେଶରେ ରଖାଯାଇପାରେ। ଯେଉଁଠାରେ କି ସେମାନଙ୍କ ଖାଦ୍ୟ, ଜୀବନଶୈଳୀ ଓ ବ୍ୟବହାର ଉପରେ ସହଜରେ ନଜର ରଖି ହୁଏ। ଏମାନଙ୍କ ଜୀବନ କାଳ କମ୍ ହେବା ସହ ଖୁବ୍‌ଶୀଘ୍ର ପ୍ରଜନନ କରନ୍ତି। ଏହାବାଦ୍ ଖାଦ୍ୟ, ପାଣିପାଗ, ଏୟାରକ୍ୱାଲିଟି ବି ଏକ୍ସପେରିମେଣ୍ଟ ଉପରେ କ'ଣ ପ୍ରଭାବ ପକାଏ ତାହା ମୂଷାଙ୍କ ଦ୍ୱାରା ଜଣାପଡ଼େ।





# କୁକୁଡ଼ା ନୁହେଁ ହୋଟେଲ

ଫଟୋଟିକୁ ଦେଖିଲେ ଭାବୁଥିବେ ଏତେ ବଡ଼ ଗଞ୍ଜା କୁକୁଡ଼ା ଭଲା କୁଆଡୁ ଆସିଲା ? ସତରେ କ'ଣ ଏତେ ବଡ଼ କୁକୁଡ଼ା ଅଛି ? ତେବେ ପ୍ରକୃତ କଥା ହେଉଛି ଏହା ସତସତିକା ଏକ ବିରାଟକାୟ କୁକୁଡ଼ା ନୁହେଁ, ବରଂ ଏକ ହୋଟେଲ। ଏହି ହୋଟେଲ ଏଠାକାର କୈମ୍ପୁଏଷ୍ଟୋହନର ନେଗ୍ରୋସ୍ ଅକ୍ସିଡେଣ୍ଟାଲରେ ଅଛି। ଏହି ବିଶାଳ ସଂରଚନା କୈମ୍ପୁଏଷ୍ଟୋହନହାଇଲାଣ୍ଡ ରିସର୍ଟର ଏକ ଅଂଶ। ଦେଖିବାକୁ ସତସତିକା କୁକୁଡ଼ା ଭଳି ଏହି ହୋଟେଲର ଉଚ୍ଚତା ୧୧୪ ଫୁଟ ୭ ଇଞ୍ଚ, ଓସାର ପ୍ରାୟ ୪୦ ଫୁଟ୍। ଏଥିରେ ୧୫ଟି ରୁମ୍ ଅଛି, ଯେଉଁଥିରେ ସବୁପ୍ରକାରର ସୁବିଧା ରହିଛି। ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ୍‌ରେ ଏହାକୁ ପୃଥିବୀର ସବୁଠାରୁ ବଡ଼ କୁକୁଡ଼ା ଆକୃତିର ବିଲ୍ଡିଂର ମାନ୍ୟତା ମିଳିଛି। ଏହି ରିସର୍ଟର ଡାଇରେକ୍ଟର ରିକାର୍ଡୋ କାନୋ ଗ୍ୱାପୋ ଟାନ୍ କୁହନ୍ତି, 'ମୁଁ କିଛି ଆଖିଦୃଶିଆ ନିର୍ମାଣ କରିବାକୁ ଚାହୁଁଥିଲି, ଯାହା କି ଆଞ୍ଚଳିକ ସଂସ୍କୃତିକୁ ବି ଦର୍ଶାଉଥିବ। ତେଣୁ କୁକୁଡ଼ା ଆକୃତିର ବିଲ୍ଡିଂ କଲି। ତା'ଛଡ଼ା କୁକୁଡ଼ା ଆକୃତିର ଆମର ହୋଟେଲକୁ ଦେଖିଲେ ଜାଣିପାରିବେ କୁକୁଡ଼ାଟି ଶାନ୍ତ, ଶକ୍ତିଶାଳୀ ଓ ମହାନ୍ ଲାଗୁଛି, ଯାହାକି ସ୍ଥାନୀୟ ଅଧିବାସୀଙ୍କ ମନୋଭାବକୁ ଦର୍ଶାଏ।' ଏହି କୁକୁଡ଼ା ଆକୃତିର ହୋଟେଲର ନିର୍ମାଣ ଜୁନ ୧୦, ୨୦୨୩ରେ ଆରମ୍ଭ ହୋଇଥିଲା। ନିର୍ମାଣ ଶେଷ ହେଲା ଚଳିତବର୍ଷ ସେପ୍ଟେମ୍ବର ମାସରେ।





## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

# ଦେବତା, ଭଗବାନ ଓ ଈଶ୍ୱର

( ଭାଗ –୪)

ଗତ ସ୍ତମ୍ଭରେ ଆମେ ଶ୍ରୀକୃଷ୍ଣଙ୍କୁ 'ଭଗବାନ' ବୋଲି କହି ତାଙ୍କର କିଛି ଗୁଣ ବାବଦରେ ଆଲୋଚନା କରୁଥିଲେ । କୃଷ୍ଣ ଦୌପାୟନ ବ୍ୟାସ କହିଲେ – ଏତେଚାଂଶ କଳାପୁଂସ କୃଷ୍ଣସ୍ତୁ ଭଗବାନ ସ୍ୱୟଂ । କୃଷ୍ଣ ଦେବତା ନୁହଁନ୍ତି । ତାଙ୍କୁ 'ଦେବତା' ଭାବିବା ମହାଭୁଲ । ସେ ହେଉଛନ୍ତି ସାକ୍ଷାତ ଭଗବାନ । ଭଗବାନ ଉତ୍ପତ୍ତି କରିପାରନ୍ତି । ପ୍ରଳୟ ବି କରି ପାରନ୍ତି । ପୂର୍ବ ଥରରେ ଆମେ ଆଲୋଚନା କରିଥିଲେ 'ଉତ୍ପତ୍ତି ପ୍ରଳୟଂ ଚୈବ ଭୂତାନାମ ଅଗତିମ ଗତିଂ' ଶ୍ଳୋକ ଟିକୁ । ଗତ ସ୍ତମ୍ଭ ପଢି ସମ୍ବଲପୁରରୁ ଜଣେ ଅବସରପ୍ରାପ୍ତ ପ୍ରଫେସର ପାଠକ ଆମ୍ଭଙ୍କୁ ଦୂରଭାଷରେ କହିଲେ କୃଷ୍ଣ ଯଦି ଭଗବାନ, ତେବେ ସେ କ'ଣ ନୂତନ ବସ୍ତୁ ସୃଷ୍ଟି କରିଥିଲେ ସେ ବିଷୟରେ ଆଗାମୀ ଲେଖାରେ ଟିକେ ଆଲୋଚନା କଲେ ଆମ୍ଭେ ଉପକୃତ ହେବୁ । ସତ କଥା, ଯେ କେହି ବି ଭାବିବ ଯେ ଭଗବାନ କୃଷ୍ଣ କ'ଣ ନୂଆ ଜିନିଷ ଉତ୍ପତ୍ତି କରିଥିଲେ । ଆମେ ସମସ୍ତେ ଭାଗବତରେ ବର୍ଣ୍ଣିତ କୃଷ୍ଣ ଲୀଳାରେ ରସୁ, ଆନନ୍ଦିତ ହେଉ କିନ୍ତୁ ତା ଭିତରକୁ ପଶିବା କିମ୍ବା ଚିନ୍ତା କରିବା (ଯାହାକୁ କୁହାଯାଏ ମନନ କରିବା ) ପାଇଁ ଆମ ମନ କୁହେନା । କୃଷ୍ଣଙ୍କର ସେଇ ଦିବ୍ୟ ଲୀଳାରେ ହିଁ ଉଲ୍ଲେଖ ଅଛି କୃଷ୍ଣଙ୍କ ଉତ୍ପତ୍ତି କରିବା କଥା ।

ମଥୁରା କଟକର ବନ୍ଦୀଶାଳାରେ କୃଷ୍ଣଙ୍କ ପ୍ରାକାଟ୍ୟ ହେଲା । ସାବଧାନ ! କୃଷ୍ଣ 'ଜନ୍ମ' ହେଲେ ବୋଲି କେହି ଭାବିବେ ନାହିଁ କି କହିବେ ନାହିଁ । ଆମେମାନେ ଯେମିତି ମାତୃ ଗର୍ଭରୁ ଜନ୍ମ ହେଉ, କୃଷ୍ଣ ସେଇ ପ୍ରକାରେ ଜନ୍ମ ହୋଇ ନ ଥିଲେ । ଆମେ ସାଧାରଣତଃ 'କୃଷ୍ଣ ଜନ୍ମ ' ବା ଜନ୍ମାଷ୍ଟମୀ ବୋଲି ଯୋଉ ଶବ୍ଦ ବ୍ୟବହାର କରୁ, ତାହା ମୂଳତଃ ଭୁଲ । ଅନେକ ପ୍ରବକ୍ତା ବି ନିଜ ପ୍ରବଚନରେ 'କୃଷ୍ଣ ଜନ୍ମ ହେଲେ' ବୋଲି କହି ଦିଅନ୍ତି । ଏହା ଆମେ ଯଦିଓ ଭାବପ୍ରବଣବଶତଃ କହିଦେଉ କିନ୍ତୁ ବାସ୍ତବ କଥା ହେଉଛି ଭଗବାନ କୃଷ୍ଣଙ୍କର ଜନ୍ମ ନୁହେଁ, ତାଙ୍କର ଆର୍ବିଭାବ ବା ପ୍ରାକାଟ୍ୟ ହୋଇଥିଲା । ଯଦି ଜନ୍ମ ହେବା କହିବା ତେବେ ବସୁଦେବ ଅସତ୍ୟ ସାବ୍ୟସ୍ତ ହୋଇଯିବେ । କାହିଁକି ? ମନେ ପକାନ୍ତୁ ଦେବକୀ ବିଭାଘର ସମୟର କଥା । ଦେବକୀଙ୍କ ସହିତ ବସୁଦେବଙ୍କ ବିବାହ ସମ୍ପନ୍ନ ହେଲା । ଏବେ ଝିଅ ବିଦା ହେବାର ସମୟ ଉପନୀତ । ସବା ସାନ ଭଉଣୀ ହିସାବରେ ଦେବକୀଙ୍କୁ କଂସ ଖୁବ ଭଲ ପାଉଥିଲା । ତେଣୁ ଦେବକୀ ଯେଉଁ ରଥରେ ଶାଶୁଘରକୁ ଯିବା ପାଇଁ ବ୍ୟବସ୍ଥା ହୋଇଥିଲା ସେ ରଥର ସାରଥୀକୁ ହଟାଇ ଦେଇ ମହାପ୍ରତାପୀ ରାଜା କଂସ ନିଜେ ସାରଥୀ ଆସନରେ ବସିଗଲା । ଏଇଥିରୁ କଂସ କେତେ ପରିମାଣରେ ଦେବକୀଙ୍କୁ ଭଲ ପାଉଥିଲା, ତାହା ଜଣା ପଡେ । ବାଟରେ ରଥ ଚାଲୁଥିବା ବେଳେ ଆକାଶରୁ ଶୂନ୍ୟବାଣୀ ହେଲା – ରେ ରେ ଦୁରାଚାରୀ କଂସ ! ଯାହାର ବାହୁଅଛୁ ରଥ । ତୋତେ ମାରିବ ତା'ର ସୂତ । ଅଷ୍ଟମ ଗର୍ଭେ ଅବତରୀ । ମହୀ ରଖିବେ ଦଇତାରୀ ।

ବାସ, ଏତିକିରେ କଂସର ମୁଣ୍ଡ ଖରାପ ହୋଇଗଲା । ଏବେ ତା' ଭୂମିକା ବା ଅଭିନୟ ବି ବଦଳିଗଲା । ଯେଉଁ ଭଉଣୀକୁ ଅତି ଭଲ ପାଇ ତା' ରଥର ସାରଥୀ ସାଜିଥିଲା, ସେଇ ଭଉଣୀକୁ ମାରିବା ପାଇଁ ଖଣ୍ଡା ଉଠାଇଲା କଂସ । ଉପସ୍ଥିତ ବୁଦ୍ଧି ଖଟାଇ ସେଇଠି ବସୁଦେବ କହିଥିଲେ – କଂସ ଭାଇ ! ଦେବକୀ କୁ ମାରନା । ଯଦି ଦୈବ ବାଣୀ ସତ ହୁଏ ତେବେ ବି କିଛି ଚିନ୍ତା କରନା । ଦେବକୀକୁ ମାରିବା କଥା ଭୁଲିଯାଅ । ଆପଣ ମୋତେ ସତ୍ୟସନ୍ଧ ଓ ଧର୍ମାତ୍ମା ପୁରୁଷ ଭାବରେ ଜାଣିଛ । ମୁଁ ଆପଣଙ୍କୁ ବଚନ ଦେଉଛି, ସତ୍ୟ ମଧ୍ୟ କରୁଛି, ଦେବକୀ ଯେତେ ପୁତ୍ର ଜନ୍ମ କରିବ, ସେ ସମସ୍ତଙ୍କୁ ମୁଁ ଆଣି ଆପଣଙ୍କ ସମ୍ମୁଖରେ ରଖିବି । ଭାଗବତରେ ଠିକ ଏଇ କଥା ଲେଖା ଅଛି – ଦେବକୀ ଯେତେ ପ୍ରସବିବ । ତୁମ୍ଭ ନିକଟେ ଦେବି ସର୍ବ ।

ପାଠକେ ! ଏଠି ବ୍ୟବହାର କରାଯାଇଥିବା 'ପ୍ରସବିବ ' ଶବ୍ଦ ଟିକୁ ଦେଖନ୍ତୁ । ପ୍ରସବିବର ଅର୍ଥ ପ୍ରସବ କରିବା ବା ଜନ୍ମ ଦେବା । ପ୍ରଚଣ୍ଡ ସତ୍ୟବାନ ପୁରୁଷ ଭାବେ ବସୁଦେବଙ୍କର ନାଁ ତତ୍କାଳୀନ ସମୟରେ ଚାରି ଆଡେ ପ୍ରସିଦ୍ଧ ଥିଲା । କଂସ ନିକଟରେ ସେ ଶପଥ କରିଥିଲେ ଯେ ଜନ୍ମହେଲା ମାତ୍ରେ ନିଜର ସବୁ ପୁତ୍ରଙ୍କୁ ଆଣି ତାଙ୍କୁ ଦେବେ ।



ଏଣେ ଯେତେବେଳେ ବ୍ରହ୍ମ କୃଷ୍ଣ ବନ୍ଦୀଶାଳାରେ ପ୍ରକଟ ହୋଇ ତାଙ୍କୁ ଗୋପପୁରରେ ଛାଡି ଆସିବା ପାଇଁ କହିଲେ, ସେତେବେଳେ ବସୁଦେବ କହିଲେ ହେ ପୁତ୍ର ! ପ୍ରତ୍ୟେକ ପୁତ୍ର ନିଜ ପିତାମାତାଙ୍କ ସମ୍ମାନ ବା ଗାରିମା ବୃଦ୍ଧି କରିବା ପାଇଁ ଚେଷ୍ଟିତ ହେବା ଉଚିତ । ଏହା ପୁତ୍ରର କର୍ତ୍ତବ୍ୟ । ହେଲେ ତୁମେ ବର୍ତ୍ତମାନ ଯେଉଁ ନିର୍ଦ୍ଦେଶ ଦେଉଛ, ସେ କାର୍ଯ୍ୟ କଲେ ମୁଁ କଂସ ଆଗରେ ମିଥ୍ୟାବାଦୀ ବୋଲି ସାବ୍ୟସ୍ତ ହୋଇଯିବି । ମୁଁ ବଚନ ଦେଇଛି ଯେତେ ପୁତ୍ର ଜନ୍ମ ହେବେ, ସବୁ କଂସକୁ ଦେବି ।

ବ୍ରହ୍ମ କୃଷ୍ଣ ହସିଲେ । କହିଲେ ପିତା – ମୁଁ ତ ଜନ୍ମ ହୋଇନି । ଦେଖିଲେ ମୋର କେଉଁଠି ଜନ୍ମ ହେବା ସମୟର ନାହି ନାଡ ଆଦି କେଉଁଠି ଅଛି ? ତୁମକୁ ଶପଥ ପଥରୁ ଚ୍ୟୁତ ନ କରାଇବା ପାଇଁ ତ ମୁଁ ଆର୍ବିଭୁତ ହୋଇଛି । ତେଣୁ ମୋତେ କଂସ ପାଖକୁ ନେବାର କିଛି ଆବଶ୍ୟକତା ନାହିଁ । ମୋ କଥା ଅନୁସାରେ ମୋତେ ଯମୁନା ନଈ ପାର କରାଇ ଗୋପପୁରେ ଛାଡି ଆସିବାରେ ଆପଣ ଆଦୌ ଅସତ୍ୟ ବୋଲି ସାବ୍ୟସ୍ତ ହେବେନି । ଆଉ ହଁ, ମୋତେ ଯମୁନା ନଦୀ ଭିତରେ ହିଁ ନେବ । ଅନ୍ୟ କୋଉ ବୁଲାଣି ବାଟେ ନେବନି ।

ଯମୁନା ନଦୀ ବାଟେ ନେବାପାଇଁ ଭଗବାନ କୃଷ୍ଣ କହିବାର କଥା ଭିତରେ ହିଁ ଗୋଟିଏ ରହସ୍ୟ ଲୁଚ୍ଚାୟିତ ହୋଇ ରହିଛି । ବନ୍ଦୀଶାଳାରେ ଯେଉଁ କୃଷ୍ଣଙ୍କର ଆର୍ବିଭାବ ହୋଇଥିଲା, ସେ ହେଉଛନ୍ତି ବ୍ରହ୍ମ କୃଷ୍ଣ । କିନ୍ତୁ ସଂସାରକୁ କୃଷ୍ଣ ଆସିଥିଲେ କାହିଁକି ? ଏକମାତ୍ର ଉଦ୍ଦେଶ୍ୟ– ଲୀଳା କରିବା । କିନ୍ତୁ ମହାତ୍ମାମାନଙ୍କ ମତରେ 'ବ୍ରହ୍ମ କୃଷ୍ଣ' କିଛି ଲୀଳା କରନ୍ତି ନାହିଁ । ଲୀଳା କରିବେ 'ଲୀଳା କୃଷ୍ଣ' । ବର୍ତ୍ତମାନର 'ବ୍ରହ୍ମ କୃଷ୍ଣ' ଯଦି ଲୀଳା କୃଷ୍ଣରେ ପରିବର୍ତ୍ତିତ ନ ହୁଅନ୍ତି, ତେବେ ଲୀଳା କରିବ କିଏ ? ଏଇ ପରିବର୍ତ୍ତନ କାର୍ଯ୍ୟଟି ସମାହିତ ହୋଇଥିଲା ଯମୁନା ନଦୀ ଗର୍ଭରେ । ରାତ୍ରି ଅର୍ଦ୍ଧରେ ପିତା ବସୁଦେବ ନିଜ ଶିର ଦେଶରେ ବାଳକୃଷ୍ଣଙ୍କୁ ଧରି ବାଟରେ ଯାଉଥିବା ବେଳେ ଯମୁନା ନଦୀ ପଡିଲା । ନଦୀ ଗର୍ଭକୁ ପ୍ରବେଶ କଲେ ବସୁଦେବ । ନଦୀର ପାଣି ଧୀରେ ଧୀରେ ଆଣ୍ଠୁରୁ ଅଣ୍ଟା, ଅଣ୍ଟାରୁ ଛାତି, ଛାତିରୁ ନାକ ପର୍ଯ୍ୟନ୍ତ ହେଲା । ତଥାପି ବସୁଦେବ ଆଗକୁ ବଢୁଥାନ୍ତି । ଆଉ କିଛି ପାଦ ଯିବା ପରେ ମାତ୍ର ଗୋଟିଏ ମୁହୂର୍ତ୍ତ ପାଇଁ ବସୁଦେବ ଶିଶୁ ପୁତ୍ର ସହ ଯମୁନା ପାଣିରେ ବୁଡିଗଲେ । ବାସ, ଏଇ ମୁହୂର୍ତ୍ତରେ ହିଁ 'ବ୍ରହ୍ମ କୃଷ୍ଣ' ପରିବର୍ତ୍ତିତ ହୋଇଗଲେ 'ଲୀଳାକୃଷ୍ଣ'ରେ । ଗୋପ, ମଥୁରା ବା ବୃନ୍ଦାବନରେ ଭଗବାନ ଯାହା ଯାହା ଲୀଳା କରିଛନ୍ତି, ସେସବୁ ଏଇ ଲୀଳା କୃଷ୍ଣ ହିଁ କରିଛନ୍ତି ।

ଆମେ ଆଲୋଚନା କରୁଥିଲେ 'ଉତ୍ପତ୍ତି ପ୍ରଳୟଂ ଚୈବ...' ଶ୍ଳୋକକୁ ନେଇ । ଭଗବାନ ଶ୍ରୀକୃଷ୍ଣ କ'ଣ ଅଲୌକିକ ଜିନିଷ ଉତ୍ପନ୍ନ କରିଛନ୍ତି । ଦେଖନ୍ତୁ, ଶ୍ରୀକୃଷ୍ଣ ଗୋପକୁ ଆସିଲେ । ଦିନ ପରେ ଦିନ ଗଡି ଚାଲିଲା । ତାଙ୍କର ବିଦ୍ୟାଧ୍ୟୟନର ସମୟ ଆସିଗଲା । ଗୁରୁକୁଳକୁ ପାଠ ପଢିବା ପାଇଁ ସେ ଗଲେ । କିଏ ତାଙ୍କର ଗୁରୁ ? ଗୁରୁ ହେଲେ ସନ୍ଦୀପନି ମହର୍ଷି । ଗୁରୁକୁଳରେ ଶ୍ରୀକୃଷ୍ଣ ରହିଲେ ମାତ୍ର ୬୪ ଦିନ । ଦୁଇ ମାସ ଚାରି ଦିନ । ଏତିକି ଦିନ ଭିତରେ ପ୍ରଭୁ ବେଦ ବେଦାନ୍ତ, ଶାସ୍ତ୍ର, ପୁରାଣ, ଜ୍ୟୋତିଷ, ନିରୁକ୍ତ, ବ୍ୟାକରଣ ଆଦି ୬୪ ବିଦ୍ୟାକୁ ଆୟତ୍ତ କରିନେଲେ । ତା' ଅର୍ଥ ଗୋଟିଏ ଗୋଟିଏ ବିଦ୍ୟାକୁ ଗୋଟିଏ ଗୋଟିଏ ଦିନ । ପାଠକେ, ଏହାକୁ କୁହନ୍ତି ଜ୍ଞାନ । ବିଦ୍ୟା ଆହୋରଣ କରିବାର ଏମିତି ଦୃଷ୍ଟାନ୍ତ ବିରଳ । ଛଅଟି ଭଗ ଭିତରୁ ଏଇ 'ଜ୍ଞାନ 'ହେଉଛି ଗୋଟିଏ ଭଗ । ସମ୍ପୂର୍ଣ୍ଣ ଜ୍ଞାନ ଯାହାଙ୍କ ପାଖରେ ଅଛି ସେ ହିଁ 'ଭଗବାନ ' । ଆଜି ଯେଉଁମାନେ ନିଜକୁ ଭଗବାନ କହୁଛନ୍ତି ସେମାନେ ଆଜି ଚିନ୍ତା କରନ୍ତୁ କେଉଁ ବିଷୟରେ ତାଙ୍କର କେତେ ଜ୍ଞାନ ଅଛି । ଭଗବାନ ଶ୍ରୀକୃଷ୍ଣଙ୍କ ପରି ୬୪ ଦିନରେ ୬୪ ପ୍ରକାର ବିଦ୍ୟାକୁ ସେ ଆୟତ୍ତ କରି ପାରିଛନ୍ତି କି ? ଯେଉଁ ଅନ୍ଧ ଭକ୍ତମାନେ ଯାହାଙ୍କୁ ଭଗବାନ ଭଗବାନ କହିହେଉଛନ୍ତି, ସିଏ କେତେ ଦିନରେ ଗୁରୁକୁଳରେ ରହି କେତେ ବିଦ୍ୟା ସାଧନ କରିଛନ୍ତି, ତାହା ଟିକେ ପରଖି ନିଅନ୍ତୁ ।

୬୪ ଦିନର ପାଠ ପଢା ପରେ ୬୫ ଦିନ ବେଳକୁ ଶ୍ରୀକୃଷ୍ଣ ଓ ବଳରାମ ଦୁଇ ଭାଇ ଯୋଡ ହସ୍ତରେ ଆସି ଠିଆ ହେଲେ ଗୁରୁ ସନ୍ଦୀପନିଙ୍କ ସମ୍ମୁଖରେ । ଠିଆ ହେବାର ଉଦ୍ଦେଶ୍ୟ – ଗୁରୁ ଦକ୍ଷିଣା ପ୍ରଦାନ । ବିଦ୍ୟା ସମାପ୍ତ ପରେ ଦକ୍ଷିଣା ନ ଦେଲେ ଶିକ୍ଷା ପୂର୍ଣ୍ଣାଙ୍ଗ ହୁଏନି ବୋଲି ଆମ ସଂସ୍କୃତି କହେ । ସେଥିପାଇଁ ଉଲ୍ଲେଖ ଅଛି – ପୁତ୍ରକୁ ପିତାର ଯେମନ୍ତ । ଦାନକୁ ଦକ୍ଷିଣା ସେମନ୍ତ । ପୁତ୍ରକୁ ପିତାଙ୍କର ଯେମିତି ଆବଶ୍ୟକତା ଥାଏ, ଦାନକୁ ଦକ୍ଷିଣାର ସେମିତି ଆବଶ୍ୟକତା ଥାଏ । ବିନା ଦକ୍ଷିଣାରେ ବିଦ୍ୟା ଶିକ୍ଷା ଅସମ୍ପୂର୍ଣ୍ଣ ।

ମାତ୍ର ଦକ୍ଷିଣା କଥା ଶୁଣିବା ମାତ୍ରକେ ସନ୍ଦୀପନି ରୋମାଂଚିତ ହୋଇ ଉଠିଲେ । କହିଲେ, ମୋର କିଛି ଦକ୍ଷିଣାର ଆବଶ୍ୟକ ନାହିଁ । ମୁଁ ଆଦୌ ଦକ୍ଷିଣା ନେବିନି । ଅଖିଳ ଭୁବନପତି ଯାହାଙ୍କ ପାଖରେ ଶିଷ୍ୟ ହୁଅନ୍ତି, ସେଠି ଗୁରୁଙ୍କ ମହିମା ଢେର ବୃଦ୍ଧି ପାଏ । ତେଣୁ ମୁଁ ଦକ୍ଷିଣା ନେବିନି । ଶ୍ରୀକୃଷ୍ଣ ଓ ବଳରାମ ଦକ୍ଷିଣା କଥା ଯେତେ କହିଲେ ବି ଗୁରୁ ସନ୍ଦୀପନି ନିଜ ନିଷ୍ପତ୍ତିରେ ଅଟଳ ଆଉ ଅଚଳ । ବାକି ଆଲୋଚନା ଆର ଥରକୁ..


*–ସମ୍ପାଦକ, ଦିବ୍ୟାଲୋକ ସନ୍ଧାନେ, ମୋ– ୯୪୩୭୨୯୨୬୯୯*

## ସମୀକ୍ଷାୟନ

### ଆଧୁନିକ ଓଡ଼ିଆ କାବ୍ୟ  କବିତାରେ ଜୀବନ ଚିନ୍ତା

**ସମ୍ପାଦକ–ଡକ୍ଟର ଶରତ ଚନ୍ଦ୍ର ରଥ, ସତ୍ୟଶ୍ରୀ ରଥ, ପ୍ରକାଶିକା– ଶ୍ରୀମତୀ ସତ୍ୟଶ୍ରୀ ରଥ, କେଦାରଗୌରୀ ଆପାର୍ଟମେଣ୍ଟ, ଭୁବନେଶ୍ୱର–୨, ମୂଲ୍ୟ– ୮୦ଟଙ୍କା**


ଏଥିରେ କବିବର ରାଧାନାଥ ରାୟ, ଗଙ୍ଗାଧର ମେହେର, ଫକୀରମୋହନ ସେନାପତି, ମଧୁସୂଦନ ରାଓ, ନନ୍ଦ କିଶୋର ବଳ, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, କୁନ୍ତଳାକୁମାରୀ ସାବତ, ବିଦ୍ୟୁତ୍ ପ୍ରଭା ଦେବୀ, ମାୟାଧର ମାନସିଂହ, ସଚ୍ଚି ରାଉତରାୟ ଓ ପଦ୍ମଚରଣ ପଟ୍ଟନାୟକଙ୍କ କାଳଜୟୀ କବିତାର ପଦଗୁଡିକୁ ସଂଗ୍ରହ କରି ସଂକଳିତ କରାଯାଇଛି । ସମାଜର ପ୍ରତ୍ୟେକ ବ୍ୟକ୍ତି ପୁସ୍ତକରେ ପ୍ରକାଶିତ ଉପଦେଶାତ୍ମକ ପଂକ୍ତି ଗୁଡିକ ଦ୍ୱାରା ଜୀବନକୁ ଶୃଙ୍ଖଳିତ କରିପାରିବେ । ଏହାକୁ ଦୃଷ୍ଟିରେ ରଖି ଏଭଳି ପୁସ୍ତକର ପରିକଳ୍ପନା କରାଯାଇଛି । ପ୍ରତ୍ୟେକ ବର୍ଗର ପାଠକଙ୍କର ଏହା କାମରେ ଆସିବ ବୋଲି ଆଶା ଓ ବିଶ୍ୱାସ ।



### ଶ୍ରୀମାଙ୍କ କାଳଜୟୀ ଗଳ୍ପମାଳା

**ଅନୁସୃଜନ: ସୂଚନା ପାଢୀ, ପ୍ରକାଶକ– ଅନ୍ନପୂର୍ଣ୍ଣା ପବ୍ଲିଶର୍ସ ପାଣିଗ୍ରାହୀ ସାହି, ଗୋସାଇଁ ନୂଆଗାଁ, ବ୍ରହ୍ମପୁର–୩**

ଆଧ୍ୟାତ୍ମିକ ଓ ନୈତିକ ଉନ୍ନତି ଦ୍ୱାରା ମଣିଷ ଜୀବନ ସତ୍‌ପଥଗାମୀ ହୋଇପରିବ । ଶ୍ରୀମାଙ୍କ ରଚିତ ପୁସ୍ତକ Tale of all Time ହିନ୍ଦୀ ଅନୁବାଦ ପାଠ କରିବା ପରେ ଅନୁବାଦିକା ଏହାର ଓଡ଼ିଆ ଅନୁବାଦ ନିମନ୍ତେ ସ୍ୱତଃପ୍ରବୃତ୍ତ ଆଗ୍ରହ ଦେଖାଇଥିଲେ । ପୁସ୍ତକରେ ପ୍ରକାଶିତ ଆତ୍ମ ସଂଯମ, ସାହସ, ପ୍ରଫୁଲ୍ଲତା, ଆତ୍ମନିର୍ଭରତା, ଧୈର୍ଯ୍ୟ ଓ ଅଧ୍ୟବସାୟ, ସରଳ ଜୀବନ, ଦୂରଦର୍ଶିତା, ସତ୍ୟତା, ନିର୍ଣ୍ଣୟ, ବ୍ୟବସ୍ଥା, ସୃଷ୍ଟି ଓ ସଂହାର, ଦାତା, ଜ୍ଞାନର ବିଜୟ, ବିନମ୍ରତା, ପରିବାର ଓ ସହାନୁଭୂତି ଆଦି ଗପଗୁଡିକ ଶୃଙ୍ଖଳିତ ଜୀବନର ଆଲୋକବର୍ତ୍ତିକା ସଦୃଶ । ଯେ କୌଣସି ଗପ ପାଠ କଲେ ତାହା ସୁଖପାଠ୍ୟ ଲାଗିବା ସହ ମଣିଷକୁ ଦିଗ୍‌ଦର୍ଶନ ଦେବାରେ ସହାୟକ ହେବ ଏଥିରେ ସନ୍ଦେହ ନାହିଁ ।




### ଭାରତରେ କୃଷକ ଆତ୍ମହତ୍ୟାର କାରଣ ଓ ନିରାକରଣ

**ଲେଖକ ଓ ପ୍ରକାଶକ –ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଅନୁପମ କୁଟୀର, ମାଲକାନଗିରି, ମୂଲ୍ୟ– ୩୦ ଟଙ୍କା**

କୃଷମାନଙ୍କୁ ସୈନ୍ୟମାନଙ୍କ ସହ ତୁଳନା କରାଯାଇ ସମାନ ସ୍ଥାନ ଦେଇ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀ କହିଥିଲେ, ଜୟ ଯବାନ, ଜୟ କିଷାନ । ପ୍ରାକୃତିକ ବିପର୍ଯ୍ୟୟରେ ଫସଲ କ୍ଷତିହେବା ଏକ ବଳିଷ୍ଠ କାରଣ ହୋଇଥିଲେ ମଧ୍ୟ ଅଧିକ ଫସଲ ଉତ୍ପାଦନ ସମୟରେ ସନ୍ତୁଳନ ରକ୍ଷା ହୋଇ ନ ପାରିବା ମଧ୍ୟ ଏକ କୃତ୍ରିମ ବିପର୍ଯ୍ୟୟ ଓ ବିଡମ୍ବନା । କେତେବେଳେ ପିଆଜ, ଆଳୁ ଓ ଟମାଟୋର ଦାମ୍ ୩ ଟଙ୍କା ତ ଆଉ କେତେବେଳେ ୪୦ ଟଙ୍କା ହେଉଛି । ଅନ୍ୟପକ୍ଷରେ କୃଷକମାନଙ୍କ ଉତ୍ପାଦିତ ଫସଲର ନ୍ୟୁନତମ ସମର୍ଥନ ମୂଲ୍ୟ ବୈଧାନିକ ଆଇନ ଭାବେ ଅଦ୍ୟାବଧି ନିରୂପଣ ହୋଇପାରି ନାହିଁ । ଏହାହିଁ କୃଷକ ଆତ୍ମହତ୍ୟାର ତୃଣମୂଳସ୍ତରୀୟ ପ୍ରଧାନ କାରଣ । ପୁସ୍ତକରେ ଅନେକ ତଥ୍ୟ ଦେଇ ଲେଖକ ପଟ୍ଟନାୟକ ବୁଝାଇବାକୁ ଚେଷ୍ଟା କରିଛନ୍ତି ।



# ଗଛ ବୟଫ୍ରେଣ୍ଡ

କୁହାଯାଏ ପ୍ରେମ ଅନ୍ଧ। କାହିଁକି ନା ପ୍ରେମ ଦେଖେନା ଜାତି, ଧର୍ମ କି ଧନୀ ଗରିବର ଭେଦଭାବ। ତେବେ ଆଜିକାଲି ବୋଧହୁଏ ପ୍ରେମ ଅଧିକ ଅନ୍ଧ ହୋଇଗଲାଣି। ସେଥିପାଇଁ ଅନେକେ ଅଜବ ଅଜବ ସାଥୀ ବାଛୁଛନ୍ତି। ଯେମିତି କି କିଏ ତକିଆକୁ ଭଲ ପାଉଛି ତ କିଏ କାନ୍ଥକୁ। ଏଇ ନିକଟରେ ଆଉ ଏକ ଖବର ଆସିଛି ଯେ, ଇଭି ବ୍ଲୁମ୍ ନାମ୍ନୀ ଜଣେ ଯୁବତୀ ଏକ ଗଛକୁ ନିଜର ବୟଫ୍ରେଣ୍ଡ କରିଛନ୍ତି। ସେ ତା’ ପ୍ରେମରେ ଏତେ ଉବୁଟୁବୁ ଯେ, ଗଛଟିକୁ ସବୁବେଳେ ନିଜ ପାଖରେ ରଖୁଛନ୍ତି। ତା’ସହ ମିଶି ଖାଉଛନ୍ତି, ଫିଲ୍ମ ଦେଖୁଛନ୍ତି, ଏମିତି କି ସେ ଗଛ ସହିତ ପିକ୍‌ନିକ୍ ବି ଯାଉଛନ୍ତି। ସେ ଗଛକୁ ଆଲିଙ୍ଗନ କରନ୍ତି, ଚୁମ୍ବନ ଦିଅନ୍ତି, ଏମିତି କି ୱାକ୍ କରିବାବେଳେ ତାକୁ ସାଥିରେ ନିଅନ୍ତି। ଯୁବତୀ ଜଣକ



କୁହନ୍ତି, ‘ଗଛରେ ମୁଁ ଏଆଇରେ ଚାଲୁଥିବା ଏକ ମେଶିନ୍ ଲଗାଇ ଦେଇଛି। ଯାହାକି ପତ୍ରରୁ ହେଉଥିବା ଭାଇବ୍ରେଶନ୍‌କୁ ଶବ୍ଦରେ ରୂପାନ୍ତରିତ କରିଥାଏ। ଫଳରେ ମୁଁ ଜାଣିପାରେ ଗଛଟି ମତେ କ’ଣ କହୁଛି। ଆଉ ଆମ ଦୁହିଁଙ୍କ ଭିତରେ ଭାବର ଆଦାନ ପ୍ରଦାନ ହୋଇପାରେ।’ ତେବେ ଅନେକେ ଏହି ସମ୍ପର୍କକୁ ପ୍ରେମ ନୁହେଁ ବରଂ ପବ୍ଲିସିଟି ଷ୍ଟଣ୍ଟ ବୋଲି କହୁଛନ୍ତି।



# ଷ୍ଟିଲ୍ ପରି କାନ

ମହିଳାମାନେ କାନ ଫୋଡାନ୍ତି କାନରେ ଝୁମୁକା ଲଗାଇବା ପାଇଁ। କେହି କେହି ପୁରୁଷ ବି କାନ ଫୋଡ଼ାଇଥାନ୍ତି। ତେବେ ଯଦି ଝୁମୁକା ଓଜନିଆ ହୋଇଯାଏ କାନରେ କରାଯାଇଥିବା ପିୟର୍ସିଂ ଅନେକ ସମୟରେ ଚିରି ବଡ଼ ହେଇଯାଏ। କାରଣ କାନର ବାହ୍ୟଅଂଶ କାର୍ଟିଲେଜ ଓ ଚର୍ମରେ ତିଆରି, ଯାହା କି ବହୁତ ନରମ। ତେବେ ଆଶ୍ଚର୍ଯ୍ୟର କଥା ଇଂଲଣ୍ଡର ଜନୀ ଷ୍ଟ୍ରେଞ୍ଜ ନାମକ ଜଣେ ବ୍ୟକ୍ତିଙ୍କ କାନ ଏତେ ଶକ୍ତ ଯେ, ସେ ଭାରିରୁ ଅତି ଭାରି ବସ୍ତୁକୁ ବି ନିଜ କାନରେ ଟାଣିପାରନ୍ତି। ୨୦୧୪ ମସିହା, ମେ ମା ୧୨ ତାରିଖରେ ତ ସେ ଏକ ଅସମ୍ଭବ କାମକୁ ସମ୍ଭବ କରି ଦେଖାଇଥିଲେ। ସେସ୍‌ନା ୧୭୨-ପି ଏୟାରକ୍ରାଫ୍ଟକୁ ସେ ନିଜ କାନରେ କରିଥିବା କଣାରେ ଏକ ଦଉଡ଼ିର ଗୋଟିଏ ପଟର ହୁକ ଲଗାଇ, ଆରପଟର ହୁକକୁ ଏୟାରକ୍ରାଫ୍ଟ ସହ ବାନ୍ଧି ଏୟାରକ୍ରାଫ୍ଟକୁ ୨୦.୪ ମିଟର ପର୍ଯ୍ୟନ୍ତ ଟାଣିଥିଲେ। ସେହି ଏୟାରକ୍ରାଫ୍ଟର ଓଜନ ୬୭୭.୮ କେ.ଜି. ଥିଲା। ଏତେ ବଡ଼ ଓ ଭାରି ଏୟାରକ୍ରାଫ୍ଟକୁ କାନର ପିୟର୍ସିଂରେ ଟାଣିବା ଦେଖି ସମସ୍ତେ ଚକିତ ହୋଇଯାଇଥିଲେ। ଆଉ ତାଙ୍କୁ ‘ଦ ମ୍ୟାନ ଉଇଥ ଇୟର୍ସ ଅଫ୍ ଷ୍ଟିଲ’ ବୋଲି କୁହାଗଲା। ଅର୍ଥାତ୍ ଷ୍ଟିଲ୍‌ର କାନ ଥିବା ବ୍ୟକ୍ତିଭାବେ ସେ ପରିଚିତ ହେଲେ।



# ଅସ୍ତଗାମୀ ସୂର୍ଯ୍ୟକୁ ଦେଖି ମାରନ୍ତି ତାଳି

ଏଇ ପୃଥିବୀରେ ଯେତିକି ଦେଶ ଅଛି ସେତିକି ପ୍ରଥା ପରମ୍ପରା ବି ଅଛି। ସେଥିମଧ୍ୟରୁ ଅନେକ ଅଜବ ପରମ୍ପରା ବି ଥାଏ। ଯେମିତି କି ଏକ ଦେଶ ଅଛି ଯେଉଁଠି ଅସ୍ତଗାମୀ ସୂର୍ଯ୍ୟକୁ ଦେଖି ଲୋକେ ତାଳି ମାରନ୍ତି। ଏହି ନିଆରା ପରମ୍ପରା ବ୍ରାଜିଲର ରିଓ ଡି ଜେନିରୋର କିଛି ସ୍ଥାନରେ ଦେଖିବାକୁ ମିଳେ। ଏଠାକାର କିଛି ବେଳାଭୂମିରେ ଲୋକମାନେ ଏକାଠି ହୋଇ ଅସ୍ତଗାମୀ ସୂର୍ଯ୍ୟର ମନଲୋଭା ଦୃଶ୍ୟ ଦେଖିବା ସହ ସମସ୍ତେ ମିଶି ତାଳି ମାରନ୍ତି। ସେମାନେ ଈଶ୍ୱରଙ୍କ ଏହି ଯାଦୁକରୀ କାମକୁ ପ୍ରଶଂସା କରିବା ଲାଗି ମିଶି ତାଳି ମାରିଥାନ୍ତି। ସତରେ ଈଶ୍ୱରଙ୍କ ଏଭଳି ଅଦ୍ଭୁତ ମନଲୋଭା ଦୃଶ୍ୟ ପ୍ରଶଂସନୀୟ।

